

୨୯/୨/୨୦୨୪ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୧,୮୭,୨୪୦/-
ସୁନା: ୦୦.୧୫୦ ଗ୍ରାମ୍
ରୁପା: ୦୦.୦୦୦ ଗ୍ରାମ୍



## ବଦ୍ରି ମିଶ୍ର ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ମନୋନୀତ

**ପୁରୀ, ୨୯।୨(ସମିସ):** ଓଡ଼ିଶାର ବିଶିଷ୍ଟ ନାଟ୍ୟକାର, ନାଟ୍ୟ ଓ ଚଳଚ୍ଚିତ୍ର ଅଭିନେତା ତଥା ଗୀତିକାର ବଦ୍ରି ମିଶ୍ର ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସାଧାରଣ ପରିଷଦ ସଭ୍ୟ ଭାବେ ମନୋନୀତ ହୋଇଛନ୍ତି। ଏହି ମନୋନୟନ ପାଇଁ ଶ୍ରୀ ମିଶ୍ର ମହାପ୍ରଭୁ ଶ୍ରୀଜଗନ୍ନାଥ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଆୟୁକ୍ତ ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଓ ଓଡ଼ିଶା ସଙ୍ଗୀତ, ନୃତ୍ୟ ଓ ନାଟକ କ୍ଷେତ୍ରରେ ରହିଥିବା ସମସ୍ତ କଳାକାର, ସଙ୍ଗଠନ ଓ ଶୁଭେଚ୍ଛୁଙ୍କଠାରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥିସହ ନାଟକ, ସଙ୍ଗୀତ ଓ ନୃତ୍ୟର ବିକାଶ ପାଇଁ ସଂକଳ୍ପବଦ୍ଧ ରହିବେ ବୋଲି ଜଣାଇଛନ୍ତି।

### ରାଜ୍ୟସ୍ତରୀୟ ମଞ୍ଚ ନାଟକ ଉଦ୍‌ଯାପିତ

## ସମ୍ବର୍ଦ୍ଧିତ ହେଲେ ପ୍ରତିଭା

**ପୁରୀ, ୨୯।୨(ସମିସ):** ଅନୁଷ୍ଠାନ ଆମର ପକ୍ଷରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଦଶ ଦିନ ଧରି ଅନୁଷ୍ଠିତ ୧୬ ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ଶେଷ ହୋଇଥିବା ବେଳେ ବୁଧବାର ଥିଲା ପୁରସ୍କାର ବିତରଣ ଉତ୍ସବ। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ସେବକ ମଧୁସୂଦନ ସିଂହାରୀ, ସଙ୍ଗଠକ ଅନିରୁଦ୍ଧ ରାଉତରାୟ, ସିତାର ଗୁରୁ ରବି ନାରାୟଣ ଗୁରୁ, ନାରୀ ନେତ୍ରୀ ସ୍ମିତାଞ୍ଜଳି ପତି, ଅନୁଷ୍ଠାନର ସଭାପତି ଭରତ ନାୟକ ଏବଂ ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପୁରୀ ହେଉଛି କଳାକାରମାନଙ୍କ ଖଣି। ଏଠାରେ ସମସ୍ତ ପ୍ରକାର କଳାକାର ଅଛନ୍ତି। ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ସର୍ବ ସମ୍ମୁଖକୁ ଆଣିବା ନିମନ୍ତେ ଉପଯୁକ୍ତ ମଞ୍ଚ ଦରକାର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ୍ କୃଷ୍ଣ ଚନ୍ଦ୍ର ସାହୁ, ବରିଷ୍ଠ ଅଭିନେତା ପ୍ରସନ୍ନ କୁମାର ମହାନ୍ତି, ତ୍ରିଲୋଚନ ଦାସ, ମଞ୍ଚ ଅଭିନେତ୍ରୀ ଅନିତା ଦାସ, ସିତାର ବାଦକ ସତ୍ୟ ନାରାୟଣ ଗୁରୁ, ସ୍ମିତାଞ୍ଜଳୀ ପତି, ରାଧାକାନ୍ତ ଦାସ, କୃଷ୍ଣ ଚନ୍ଦ୍ର ଖୁଣ୍ଟିଆ, କୃପାସିନ୍ଧୁ ମିଶ୍ର, ପ୍ରଶାସନିକ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର ଏବଂ ସିନେ ଅଭିନେତା କେଦାର ମିଶ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପରେ ୧୦ଦିନ ଧରି ଅନୁଷ୍ଠିତ ହୋଇଥିବା ନାଟକ ପାଇଁ ବିଭିନ୍ନ କ୍ଷେତ୍ରରେ ପ୍ରଜ୍ଞାଦତ୍ତ ସାହୁ, ସୁଶାନ୍ତ ପାଣି, ମମତା କବି, ଦିଲ୍ଲୀପ କୁମାର ଷଡଙ୍ଗୀ, ଧନଞ୍ଜୟ ସାହୁ, ବିଜେନ୍ଦ୍ର ରାଉତ, ସନ୍ତୋଷ କୁମାର ପଟ୍ଟନାୟକ, ନରସିଂହ ରଣା, ଧରିତ୍ରୀ ଖଣ୍ଡୁଆଳ, ନରେନ୍ଦ୍ର ବେହେରା, କ୍ଷୀରୋଦ ସାହୁ, ସସ୍ମିତା ରାଣୀ ରାଉତ, ଶୁଭସ୍ମିତା, ପଞ୍ଚାନନ ଦାଶ, ସୁମନ୍ତ ଭୋଇ, ଅତିସ କୁମାର ଶତପଥୀ, ପ୍ରଶାନ୍ତ ଷଡଙ୍ଗୀ ଟୁକୁ, କନକ ଦଣ୍ଡଶେଣା, କୁନି ପଣ୍ଡା, ଶିବଶଙ୍କର ପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପରେ ଅନିତା କଲ୍‌ଚରାଲ ଏକାଡେମୀ ପକ୍ଷରୁ ନାଟକ ପୁନେଇ ଖିଆ ପରିବେଷଣ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ସମୀର ଶତପଥୀ ଏବଂ ଶ୍ୟାମପ୍ରକାଶ ସେନାପତି। ଶେଷରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଶ୍ରୀ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗର୍ ଜବତ



**ନିମାପଡ଼ା, ୨୯।୨(ସମିସ):** ପୁରୀ ଅବକାରୀ ଅଧିକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ସ୍ଥାନୀୟ ସର୍ବାପଡ଼ା ମାଝିସାହି ତ୍ରିନାଥ ମନ୍ଦିର ନିକଟରେ ଚଢାଉକରି ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗର ଜବତ କରିଛନ୍ତି। ଚୋରା ବ୍ରାଉନସୁଗର ବେପାରୀ ଗୁରୁ ଚରଣ ଭୋଇ (୩୨) କୁ ଗିରଫ କରାଯାଇଛି। ଅବକାରୀ ବିଭାଗ ଗୁରୁ ଚରଣ ଠାରୁ ୫୧ ଗ୍ରାମ ବ୍ରାଉନସୁଗର ଜବତ କରିଛନ୍ତି। ଜବତ ବ୍ରାଉନସୁଗର ମୂଲ୍ୟ ୫ଲକ୍ଷ ୧୦ହଜାର ଟଙ୍କା ହେବ। ଗୁରୁଚରଣ ବିରୋଧରେ କେଶ ନଂ ୧୮୨/୨୩-୨୪ରେ ମାମଲା ରୁଜୁ କରାଯାଇ ନିମାପଡ଼ା କୋର୍ଟଚାଲାଣ କରାଯାଇଛି। କୋର୍ଟରେ ତାର ଜାମିନ ନାମଞ୍ଜୁର ହେବାରୁ ନିମାପଡ଼ା ଜେଲ ହାଜତକୁ ପଠାଇ ଦିଆଯାଇଛି। ଚଢଉରେ ଅବକାରୀ ଏଏସ୍‌ଆଇ ତିଜେନ୍ଦ୍ର କୁମାର ବେହେରା, କର୍ମଚାରୀ ତପନ କୁମାର ପ୍ରଧାନ, ଏସ୍ ଜନ୍ମେଜୟ, ଶରତ ଚନ୍ଦ୍ର ସାହୁ, ସ୍ୱାଗତିକା ଘଡେଇ ପ୍ରମୁଖ ସାମିଲଥିଲେ।

### ବିଦେଶୀ ପର୍ଯ୍ୟଟକଙ୍କୁ ଲୁଟ୍

# ଆଶ୍ରୟସ୍ଥଳୀରେ ବିତୁଛି ଜୀବନ



**ନିଜ ଦେଶକୁ ଫେରିବାକୁ ଆକୁଳ ନିବେଦନ**

**ପୁରୀ, ୨୯।୨(ସମିସ)**

ପୁରୀ ବୁଲିବାକୁ ଆସିଥିବା ଜଣେ ବିଦେଶୀ ପର୍ଯ୍ୟଟକଙ୍କଠାରୁ ସବୁ କିଛି ଲୁଟ୍ ହୋଇଛି। ଫଳରେ ବେସାହାରା ହୋଇ ସମ୍ପୃକ୍ତ ପର୍ଯ୍ୟଟକ ଜଣଙ୍କ ନୀଳାଦ୍ରି ନୀଳୟ ଆଶ୍ରୟ ସ୍ଥଳୀରେ ଜୀବନ ବିତାଉଛନ୍ତି। ନିଜ ଦେଶକୁ ଫେରିବାକୁ ଚାହୁଁଥିଲେ ହେଁ ତାଙ୍କ ପାଖରେ କିଛି ବି ନାହିଁ। ତେଣୁ ଅସହାୟ ମଣିଷଟିଏ ଭଳି ଆଶ୍ରୟସ୍ଥଳୀରେ ଗୁମୁରି ଗୁମୁରି କାନ୍ଦୁଛନ୍ତି ନେଦରଲ୍ୟାଣ୍ଡର ଆନଥୋନି ଭ୍ୟାନ ଅର୍କେଲ। ଗୁରୁବାର କିଛି ବ୍ୟକ୍ତିଙ୍କ ସହଯୋଗରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆନ୍‌ଥୋନି କହିଛନ୍ତି ଯେ, ଗତ ଜାନୁଆରୀ ୨୫ ତାରିଖଠାରୁ ଏଠାରେ ପୁଲିସ ସହାୟତାରେ ଆଶ୍ରୟ ନେଉଛି। ମୋର ନଗଦ ଟଙ୍କା, କ୍ୟାମେରା, ହୀରାମୁଦି ସମେତ ପ୍ରାୟ ୬ ଲକ୍ଷ ଟଙ୍କାର ସାମଗ୍ରୀ ପୁରୀର ଜଣେ ଟ୍ୟାକ୍ସି ଚାଳକ ଲୁଟି ନେଇଯାଇଛି। ବାଳିଆପଣ୍ଡା ପୁଲିସ ସମ୍ପୃକ୍ତ ଟାକ୍ସିକୁ ଜବତ କରି ଥାନାରେ ରଖିଥିଲେ ମଧ୍ୟ ଅଭିଯୁକ୍ତକୁ ଗିରଫ କରାଯାଇ ନାହିଁ। ଏହି ଘଟଣା ସମ୍ପର୍କରେ ପ୍ରଥମେ ବଳିଆପଣ୍ଡା ଏବଂ ପରେ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ ବୋଲି କହିଛନ୍ତି ଆନ୍‌ଥୋନି।

ଅନ୍ୟପକ୍ଷରେ ଉମିଦ୍ ଫାଉଣ୍ଡେଶନର ସମ୍ପାଦକ ତଥା ଯୁବ ସମାଜସେବୀ ଡାନିଆଲ ନାୟକ ତାଙ୍କୁ ନେଇ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୁଶୀଲ କୁମାର ମିଶ୍ର ଏବଂ ଉପ ଆରକ୍ଷୀ ଅଧୀକ୍ଷକ ସହରାଞ୍ଚଳ ପ୍ରଶାନ୍ତ କୁମାର ସାହୁଙ୍କୁ ଭେଟି ସହାୟତା ପାଇଁ ନିବେଦନ କରିବା ସହ ଗତ ଫେବୃଆରୀ ୯ ରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ଏ ପର୍ଯ୍ୟନ୍ତ କୌଣସି ବିହିତ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେଣୁ ବାଧ ହୋଇ ଯୁବ ସମାଜସେବୀ ଶ୍ରୀ ନାୟକ ସାମ୍ବାଦିକ ବିଷ୍ଣୁଦତ୍ତ ଦାସଙ୍କ ସହଯୋଗରେ ଗଣମାଧ୍ୟମର ସହାୟତା ଲୋଡ଼ିଥିଲେ। ସମ୍ପୃକ୍ତ ବିଦେଶୀ ପର୍ଯ୍ୟଟକଙ୍କୁ ତାଙ୍କ ଦେଶକୁ ଫେରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବା ଲାଗି ଶ୍ରୀ ଦାସ ନିବେଦନ କରିଛନ୍ତି।ଏସମ୍ପର୍କରେ ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ କହିଛନ୍ତି, ସମ୍ପୃକ୍ତ ପର୍ଯ୍ୟଟକ ଶୁକ୍ରବାର ଆବେଦନପତ୍ର ଦେବେ। ତାଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯିବ।

## ଉପଖଣ୍ଡ ସୂଚନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା



ପୁରୀ, ୨୯।୨(ସମିସ): ପୁରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଘୁନାଥ ସେଠୀଙ୍କୁ ବିଭାଗ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗୁରୁବାର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟଠାରେ ୬୦ ବର୍ଷରେ ପଦାର୍ପଣ କରିଥିବା ଶ୍ରୀ ସେଠୀଙ୍କୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଉପଢୌକନ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀ ସେଠୀ ବିଭାଗ ପାଇଁ ଅନେକ ସେବା କରିଛନ୍ତି ଓ ତାଙ୍କ କାର୍ଯ୍ୟ ବେଶ୍ ପ୍ରଶଂସନୀୟ ବୋଲି ଉପସ୍ଥିତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଓ ସମସ୍ତ କର୍ମଚାରୀ ମତବ୍ୟକ୍ତ କରିଥିଲେ। ନିଜ ପ୍ରତିକ୍ରିୟାରେ ବିଭାଗ ପାଇଁ କାର୍ଯ୍ୟ କରି ସେ ବେଶ୍ ଗର୍ବିତ ଓ ଆନନ୍ଦିତ ବୋଲି ରଘୁନାଥ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗର ରେଡ଼ିଓ ଇନ୍ସପେକ୍ଟର ରାଜେନ୍ଦ୍ର କୁମାର ପାତ୍ର, ପ୍ରସନ୍ନ କୁମାର ସାହୁ, ଜିତେନ୍ଦ୍ର କୁମାର ସ୍ୱାଇଁ, ମିନତୀ ଦାସ, ପ୍ରଦୀପ୍ତ ପଟ୍ଟନାୟକ, ପ୍ରତିମା ମହାନ୍ତି, ତ୍ରିନାଥ ପାତ୍ର, ଲକ୍ଷ୍ମୀଧର ନାଏକ, ସୁଶାନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ।

## ବେଆଇନ ପାଥୋଲ୍ୟାବ୍ ଉପରେ ପ୍ରଶାସନର ଚଢ଼ଉ

**ଅସ୍ତରଙ୍ଗ, ୨୯ ।୨(ସମିସ)**



ସୁସ୍ଥ ଶରୀର ପାଇଁ ପାଥୋଲ୍ୟାବର ସ୍ୱତନ୍ତ୍ର ଭୂମିକା ରହିଥିବା ବେଳେ, ଅନେକ ସମୟରେ ବେଆଇନ ପାଥୋଲାବ ଗୁଡିକର ଭୁଲ ରିପୋର୍ଟ ରୋଗୀଙ୍କୁ ବିପଦରେ ପକାଉଛି, ଯାହା ର ଅନେକ ଦୃଷ୍ଟାନ୍ତ ରହିଛି। ସେହିପରି ଅସ୍ତରଙ୍ଗ ଅଞ୍ଚଳରେ ଦୀର୍ଘ ବର୍ଷ ହେବ ମାଳମାଳ ପାଥୋଲ୍ୟାବ ରହିଅଛି, କିନ୍ତୁ ଏହି ପାଥୋଲ୍ୟାବ ଆଇନସମତ କି ବେଆଇନ ଭାବେ ଚାଲିଛି ତାହା କାହାକୁ ଜଣାନାହିଁ। ଯଦି କୌଣସି ରୋଗୀ ଗୋଟେ ଲ୍ୟାବରେ ରକ୍ତ ପରୀକ୍ଷା କରାଉଛି ଯେଉଁ ରିପୋର୍ଟ ପାଉଛି, କିଛି ସମୟ ବ୍ୟବଧାନ ରେ ଅନ୍ୟ ଲ୍ୟାବର ସମାନ ରକ୍ତ ନମୁନା ରେ ଅଲଗା ରିପୋର୍ଟ ଆସୁଛି, ଯେଉଁଠି ଡାକ୍ତର ମାନେ ଔଷଧ ଦେବାକୁ ମଧ୍ୟ ଭୟ କରୁଛନ୍ତି, ସାଧାରଣ ପରୀକ୍ଷା ହେଉ କି ଗୁରୁତ୍ୱ ପରୀକ୍ଷା ବିନା ବିଲ୍‌ରେ ରୋଗୀଙ୍କ ଠାରୁ ମନଇଚ୍ଛା ଅର୍ଥ ନିଆଯାଉଛି। ଅନେକ ସମୟରେ ଏମାନଙ୍କ ରିପୋର୍ଟକୁ ନେଇ ଯେତିକି ସନ୍ଦେହ ସୃଷ୍ଟି ହେଉଛି ସେତିକି ଭୟଭୀତ ମଧ୍ୟ ଲୋକ ହେଉଛନ୍ତି, ସରକାରୀ ଡାକ୍ତରଖାନାରେ ଲ୍ୟାବରେ ରହୁଥିବା କର୍ମଚାରୀ ବାହାରେ ଥିବା ଅନ୍ୟ ଲ୍ୟାବକୁ ଯାଇ କାର୍ଯ୍ୟ କରୁଛନ୍ତି। ଏହି ବାବଦରେ ଅଭିଯୋଗ ହେବାପରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ ରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ଃ. ସଞ୍ଜୟ ପ୍ରଧାନ ଆଜି ବେଆଇନ ଲ୍ୟାବ ଉପରେ ଚଢ଼ଉ କରିବା ସହିତ ସବୁ ମାଲିକମାନଙ୍କୁ କାର୍ଯ୍ୟାଳୟ ପରିସରରେ ଆବଶ୍ୟକ ଦସ୍ତାବିଜ ଆଣି ପହଞ୍ଚିବାକୁ କହିଥିଲେ।କାର୍ଯ୍ୟାଳୟ ପରିସରରେ ସବୁ କାଗଜପତ୍ର ଯାଞ୍ଚ କଲାପରେ କୌଣସି ଲ୍ୟାବର ରକ୍ତ ନମୂନା ସଂଗ୍ରହ ଓ ପରୀକ୍ଷା କରିବାର କୌଣସି ସଠିକ କାଗଜପତ୍ର ପାଇନଥିଲେ, ଯାହା ଫଳରେ ସେମାନଙ୍କୁ ତୁରନ୍ତ ଲ୍ୟାବ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ୧.୭ କିଲୋ ଗଞ୍ଜେଇ ଜବତ; ଜଣେ ଗିରଫ

**ପୁରୀ, ୨୯।୨(ସମିସ):** ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁରୀ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଚାଲିଛି। ଏସ୍‌ପି ପିନାକ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସବୁ ଥାନାର ଅଧିକାରୀ ନିଜ ନିଜ ଅଞ୍ଚଳରେ ଧରପଗଡ଼ ଜାରି ରଖିଛନ୍ତି। ଏହି କ୍ରମରେ ସଦର ଥାନା ପୁଲିସ ଗୁରୁବାର ୧କିଗ୍ରା ୭୦୦ ଗ୍ରାମ୍ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବଳଙ୍ଗା ଥାନା ଅନ୍ତର୍ଗତ କେତୀପାଟଣାର ରବିନାରାୟଣ ମହାପାତ୍ର ଓରଫ୍ ନାରୁ (୫୪)। ଏ ନେଇ ସଦର ଥାନରେ ଏକ ମାମଲା (ନଂ.୯୭/୨୪) ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନ ପ୍ରାୟ ୧ଟା ୪୦ରେ ନାରୁ ବାଲିପୁଟ ବଜାରରେ ଗଞ୍ଜେଇ ବିକ୍ରି କରିବାକୁ ଆସିଥିବା ପୁଲିସ ପାଖରେ ଖବର ପହଞ୍ଚିଥିଲା। ସଙ୍ଗେ ସଙ୍ଗେ ପୁଲିସ ସେଠାରେ ପହଞ୍ଚି ଅଭିଯୁକ୍ତକୁ କାବୁ କରିବା ସହ ତା'ଠାରୁ ୧କିଗ୍ରା ୭୦୦ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ଏଥିସହ ଏକ ବାଇକ୍, ଗୋଟିଏ ଫୋନ୍ ଏବଂ ୬୦ ହଜାର ୨୦ ଟଙ୍କା ମଧ୍ୟ ତା'ଠାରୁ ଜବତ କରିଥିଲା ପୁଲିସ।

## ୧୨ ଗ୍ରାମ୍ ବ୍ରାଉନସୁଗର୍ ଜବତ; ଜଣେ ଗିରଫ

**ପୁରୀ, ୨୯।୨(ସମିସ):** ପୁରୀରେ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ଧରପଗଡ଼କୁ ଜୋର୍‌ଦାର କରିଛି। ଏହି କ୍ରମରେ ଗୁରୁବାର ତାଳବଣିଆ ଥାନା ପୁଲିସ ଜଣଙ୍କୁ ଗିରଫ କରିବା ସହ ତା'ଠାରୁ ୧୨ ଗ୍ରାମ୍ ବ୍ରାଉନସୁଗର ଜବତ କରିଛି। ଅଭିଯୁକ୍ତ ହେଲେ ହେରାଗୋହିରୀ ସାହିର ଅନିକେତ ରଥ। ସୂଚନା ଅନୁଯାୟୀ, ଗୁରୁବାର ସକାଳେ ଅଭିଯୁକ୍ତ ହୁଳୁହୁଳିଆ ପୋଲ ନିକଟ ଏକ ପରିତ୍ୟକ୍ତ ଘରେ ବ୍ରାଉନସୁଗର ବିକ୍ରି କରୁଥିବା ପୁଲିସକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଏହାପରେ ପୁଲିସ ଚଢାଉ କରି ଅନିକେତକୁ କାବୁ କରିବା ସହ ତା'ଠାରୁ ଜରି ପଲିଥିନରେ ରହିଥିବା ୧୨ ଗ୍ରାମ୍ ବ୍ରାଉନସୁଗର ଜବତ କରିଥିଲା। ଏଥିସହ ୫୦୦ ଟଙ୍କା ଏବଂ ଗୋଟିଏ ମୋବାଇଲ ଫୋନ ମଧ୍ୟ ଜବତ କରିଥିଲା ପୁଲିସ। ଏ ନେଇ ଥାନାରେ ଏକ ମାମଲା (ନଂ.୨୬/୨୪) ରୁଜୁ କରାଯାଇ ଅଭିଯୁକ୍ତ ଅନିକେତକୁ କୋର୍ଟଚାଲାଣ କରାଯାଇଥିବା ତାଳବଣିଆ ଆଇଆଇସି ସୂଚନା ଦେଇଛନ୍ତି।

## ଇ-ଅଟୋ ଚୋରି କରି ବନ୍ଧାହେଲେ ଯୁବକ

**ପୁରୀ, ୨୯।୨(ସମିସ):** ଇ-ଅଟୋ ଚୋରି କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୁଲିସ ଗୁରୁବାର ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ସିଟି ରୋଡ ତଳ ନୂଆସାହିର ସନ୍ତୋଷ ପରିଡ଼ା। ଅଭିଯୋଗ ଅନୁଯାୟୀ, ଗତ ମଙ୍ଗଳବାର ରାତିରେ ବାଲିସାହି ଭଗବତୀ ମନ୍ଦିର ନିକଟରେ ବାଲିସାହି ହରିଜନ ବସ୍ତିର ଅମନ ନାୟକ ତାଙ୍କ ଇ-ଅଟୋ (ନଂ. ଓଡ଼ି୧୩ଆର-୯୨୭୦) ପାର୍କିଂ କରିଥିଲେ। ହେଲେ କେହି ଦୁର୍ବୃତ୍ତ ରାତିରେ ଚୋରି କରିଥିବା ତାଙ୍କ ମାଆ ଗୀତା ନାୟକ ବୁଧବାର ସମୁଦ୍ରକୂଳ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା (ନଂ. ୪୮/୨୪) ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଗୁରୁବାର ଅଭିଯୁକ୍ତ ସନ୍ତୋଷକୁ ଗିରଫ କରି ତା'ଠାରୁ ଚୋରି ଅଟୋ ଏବଂ ୪ଟି ବ୍ୟାଟେରୀ ଜବତ କରିଥିଲା ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୪୮/୨୪) ରୁଜୁ କରି ପୁଲିସ ସନ୍ତୋଷକୁ କୋର୍ଟଚାଲାଣ କରିଛି ବୋଲି ଆଇଆଇସି ମାନସ କୁମାର ଚକ୍ର ସୂଚନା ଦେଇଛନ୍ତି।




### ସାକ୍ଷୀଗୋପାଳ ରେଳ ଓଭରବ୍ରିଜ୍ ନିର୍ମାଣ ପ୍ରସଙ୍ଗ

# ଜମି ଅଧିଗ୍ରହଣ ପାଇଁ ପେଣ୍ଠପଡ଼ା ଓ ଜୟପୁର ପଞ୍ଚାୟତରେ ଜନଶୁଣାଣି





**ସାକ୍ଷୀଗୋପାଳ, ୨୯ ।୨(ସମିସ)**

ପୁରୀ-ଖୋର୍ଦ୍ଧାରୋଡ ଡିଭିଜନର ସାକ୍ଷୀଗୋପାଳ-ଅଳଗୁମ ରାସ୍ତାର ବଡ ବଜାର ଦେଇ ଯାଇଥିବା ରେଳ ଲାଇନ ପ୍ରସ୍ତାବିତ ରେଳ ଓଭରବ୍ରିଜ ନିର୍ମାଣ ପାଇଁ ଏଡିଏମ କୈଳାଶ ଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଜନ ଶୁଣାଣି ଅନୁଷ୍ଠିତ ହୋଇଥିଲା। ପୁରୀ ଜିଲ୍ଲା ପ୍ରଶାସନ ତରଫରୁ ଜନ ଶୁଣାଣି ପେଣ୍ଠପଡ଼ା କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ହୋଇଥିଲା। ଏହି ନଂ ୨୭ ଓଭରବ୍ରିଜ ଲମ୍ବ ୦ ୪୭୦ କିମି ଲମ୍ବ ରହିଛି। ନବକୃଷ୍ଣ ଚୌଧୁରୀ ଗବେଷଣା କେନ୍ଦ୍ର ପକ୍ଷରୁ ପେଣ୍ଠପଡ଼ା ଓ ଜୟପୁର ପଞ୍ଚାୟତ ଗ୍ରାମବାସୀ ଓ ବ୍ୟବସାୟୀମାନଙ୍କ ସହିତ ପୂର୍ବରୁ ପ୍ରାରମ୍ଭିକ ଆଲୋଚନା କରି ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ଠାରୁ ରେଳ ଓଭରବ୍ରିଜ ମତାମତ ସଂଗ୍ରହ କରାଯାଇଥିଲା। ଆଜିର ଜନ ଶୁଣାଣି ଶିବିରରେ ସତ୍ୟବାଦୀ ମଣ୍ଡଳ ଉନ୍ନୟନ ଅଧିକାରୀ ଲିପ୍ସା ରାୟ, ଅତିରିକ୍ତ ତହସିଲଦାର ପ୍ରୀୟଦର୍ଶୀ ରାଜେଶ, ପୁରୀ ଜମି ଅଧିଗ୍ରହଣ ଅଧିକାରୀ ନିରଞ୍ଜନ ବାରିକ, ଆରଆଣ୍ଡବି ସହକାରୀ ଯନ୍ତ୍ରୀ ମାନସରଞ୍ଜନ ମଲ୍ଲିକ, ଚୌଧୁରୀ ନବକୃଷ୍ଣ ଚୌଧୁରୀ ଗବେଷଣା କେନ୍ଦ୍ର ପ୍ରୋଗ୍ରାମ ଅଧିକାରୀ ରମେଶଚନ୍ଦ୍ର ଦାସ, ସମିର କୁମାର ଓ କୈବଲ୍ୟ କିଶୋର କର ଯୋଗଦାନ କରିଥିଲେ।

ଏଡିଏମ ଶ୍ରୀ ମଲ୍ଲିକ କହିଲେ ଆଜି ପ୍ରଥମ ପର୍ଯ୍ୟାୟ ବୈଠକ କରାଗଲା। ଓଭରବ୍ରିଜ ନିର୍ମାଣ କରାଗଲେ ଏଥିରେ କ୍ଷୟକ୍ଷତି ବା ବ୍ୟବସାୟୀ ଓ ବାସୀନ୍ଦାମାନଙ୍କ ସହିତ ବୈଠକ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଚିନ୍ମୟ ରାଉତ, ନାରୀନେତ୍ରୀ କନକଲତା ପଣ୍ଡା, ସ୍ୱାଦ ଅନୁଷ୍ଠାନର ସଭାନେତ୍ରୀ ବୀଣାପାଣି ମିଶ୍ର, ସାକ୍ଷୀଗୋପାଳ ବଡ ବଜାର ବ୍ୟବସାୟୀ ସଂଘ ସଭାପତି ବୀରେନ୍ଦ୍ର ଭୂଷଣ ହୋତା, ଉପସଭାପତି ଶଙ୍କର ପ୍ରଧାନ, କୋଷାଧ୍ୟକ୍ଷ ବିଷ୍ଣୁ ପ୍ରସାଦ ମିଶ୍ର, ନିର୍ମଳ ଚନ୍ଦ୍ର ମିଶ୍ର ପ୍ରମୁଖ ଙ୍କ ସହିତ ବ୍ୟବସାୟୀମାନେ ଉପସ୍ଥିତ ରହ ନିଜ ନିଜର ମତ ରଖିଥିଲେ। ଏପରିକି ସାକ୍ଷୀଗୋପାଳ ବ୍ୟବସାୟୀ ସଂଘ ପକ୍ଷରୁ ରେଳ ଓଭରବ୍ରିଜ କୁ ସମର୍ଥନ କରୁଥିଲେ ମଧ୍ୟ ଅନ୍ୟ ଠାରେ କରିବା ପାଇଁ ଦାବି କରିଛନ୍ତି। ସେହିପରି ଜୟପୁର ପଞ୍ଚାୟତ ବ୍ଲକ ଛକ ବାଟମହାବୀର ମନ୍ଦିର ପ୍ରାଙ୍ଗଣରେ ଆଉଗୋଟିଏ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳଙ୍କ ସହିତ ସମସ୍ତ ପଦାଧିକାରୀ ଏଥିରେ ସରପଞ୍ଚ ଆରାଧନା ସାମନ୍ତରାୟ ଙ୍କ ସହ ବ୍ୟବସାୟୀ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ। ଉଭୟ ସରପଞ୍ଚ, ନାରୀନେତ୍ରୀ, ବ୍ୟବସାୟୀ ସଂଘ ସଭାପତି ଓ ସ୍ୱାଦ ଅନୁଷ୍ଠାନର ସଭାନେତ୍ରୀ ପ୍ରମୁଖ ନିଜନିଜର ମତ ରଖିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ଆମ ବ୍ୟାଙ୍କ' ଉଦ୍‌ଘାଟିତ



**ନିମାପଡ଼ା, ୨୯।୨(ସମିସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ନିମାପଡ଼ା ବ୍ଲକର ୫ଟି ପଞ୍ଚାୟତରେ 'ଆମ ବ୍ୟାଙ୍କ' ଉଦଘାଟନ ହୋଇଯାଇଛି। ଏହି ବ୍ୟାଙ୍କ ଗୁଡିକ ଖୋଲାଯିବା ଫଳରେ ଜନସାଧାରଣ ସହଜରେ ବ୍ୟାଙ୍କ ସେବା ପାଇପାରିବେ। ଏହି ବ୍ଲକର ଛଣିଜଙ୍ଗ, ତମ୍ପାଳୋ, ତେରୁଣ୍ଡିଆ, ଡେଣୁଆଁ ଓ ବଡଶିରିବିଲା ପଞ୍ଚାୟତରେ ଆମ ବ୍ୟାଙ୍କ ଶାଖା ଖୋଲାଯିବ। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶଙ୍କ ସହ ସାଂସଦ ପ୍ରତିନିଧି ସୁଧିର ରଞ୍ଜନ ଦାଶ, ବ୍ଲକ ବିଜେଡି ସଭାପତି ଅଶୋକ କୁମାର ସାହୁ, ପଞ୍ଚାୟତ ସଭାପତି ସୁବାସ ବାରିକ, ସମ୍ମବାୟ ସମିତି ସଭାପତି ମହେନ୍ଦ୍ର କୁମାର ମହାପାତ୍ର, ପୂର୍ବତନ ସମିତିସଭ୍ୟ ସୂର୍ଯ୍ୟନାରାୟଣ ପରିଡ଼ା, ସମେତ ବ୍ୟାଙ୍କ ମିତ୍ରଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ।

## ବାସୁଦେବଙ୍କ ବାର୍ଷିକ ମହାଯଜ୍ଞ



**ନୟାହାଟ, ୨୯।୨(ସମିସ):** ପୁରୀ ଜିଲ୍ଲା ନୟାହାଟ ଫାଣ୍ଡି ଅନ୍ତର୍ଗତ ଆଲୁଦଣ୍ଡା ପାଟଣା ଗ୍ରାମରେ ଭଗବତ ବାସୁଦେବ ଙ୍କ ବାର୍ଷିକ ମହାଯଜ୍ଞ ପାଇଁ କଳସ ଯାତ୍ରା ସମାଜସେବୀ ଭାଗିରଥି ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି।କଳସ ଯାତ୍ରାରେ କର୍ତ୍ତା ଭାବେ ନବଘନ ବେହେରା ଓ କର୍ତ୍ତି ଭାବେ ମାନସୀ ବେହେରା ଯୋଗଦେଇ କଳସ ଯାତ୍ରା ଆରମ୍ଭ କରିଥିଲେ। କଳସ ଯାତ୍ରାରେ ମଞ୍ଜୁଲତା ବେହେରା ସହିତ ୧୫୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଯୋଗଦେଇ ଥିଲେ। ଆଲୁଦଣ୍ଡା ପାଟଣା ନିକଟସ୍ଥ ବିନିଶୁପୁର ପ୍ରାଚୀ ନଦୀଘାଟରୁ କଳସ ପାଣି ଆଣିଥିଲେ। କଳସ ଯାତ୍ରାକୁ ବିଭିନ୍ନ ସ୍ଥାନରେ ହରିବୋଲ ହୁଳହୁଳି ପକାଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ରାତିରେ ବାସୁଦେବ ଡ୍ୟାନ୍ସ ଗ୍ରୁପ ଦ୍ୱାରା ସାସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରିବାକୁ ଦାବି

**ଚାରିଛକ, ୨୯।୨(ସମିସ):** ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ୨୦୧୪ ମସିହାରେ ଏକ ଶବ ବ୍ୟବଛେଦ କେନ୍ଦ୍ର ଖୋଲା ଯାଇଥିଲା। ସେହି ଦିନ ଠାରୁ ଲୋକମାନେ ଶବକୁ ପୁରୀ ନନେଇ ଏଠାରେ ବ୍ୟବଚ୍ଛେଦ କରାଉଥିଲେ। ମାତ୍ର ଗତ ୨ମାସ ହେବ ଏଠାରେ ଶବ ବ୍ୟବଚ୍ଛେଦ ନ କରାଯାଇ ପୁରୀ ପଠାଯାଉଥିବା ନେଇ ଅଭିଯୋଗ ହେଉଛି। ଯାହା ଫଳରେ ଲୋକମାନେ ଶବ ବ୍ୟବଚ୍ଛେଦ ପାଇଁ ବହୁ ଅସୁବିଧାର ସମ୍ମୁଖିନ ହୋଉଛନ୍ତି। ଏହି ଶବ ବ୍ୟବଚ୍ଛେଦ କେନ୍ଦ୍ରରେ ଅସ୍ତରଙ୍ଗ, କାକଟପୁର, ନୟାହାଟ, ଗୋପ, ନିମାପଡ଼ା, ବଳଙ୍ଗା, ଖେଲାର ଓ ଚାରିଛକ ଆଦି ଅଞ୍ଚଳର ଶବ ବ୍ୟବଚ୍ଛେଦ କରି ଜନସାଧାରଣ ଅଧିକ ଖର୍ଚ୍ଚାନ୍ତରୁ ରକ୍ଷାପାଉଥିଲେ। ମାତ୍ର ବର୍ତ୍ତମାନ ବ୍ୟବଚ୍ଛେଦ କେନ୍ଦ୍ର ବନ୍ଦ ରହିବା ଫଳରେ ଗରୀବ ଲୋକମାନେ ଶବ ବ୍ୟବଚ୍ଛେଦ ପାଇଁ ପୁରୀକୁ ଯାଇ ଅଧକ ଖର୍ଚ୍ଚାନ୍ତ ହେଉଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳର ସାମାଜିକକର୍ମୀ ସନ୍ତୋଷ କୁମାର ପ୍ରଧାନଙ୍କ ସମେତ ସ୍ଥାନୀୟ ଜନସାଧାରଣ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ, ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ୫-ଟି ଅଧ୍ୟକ୍ଷଙ୍କୁ ଲିଖିତଭାବେ ଜଣାଇଛନ୍ତି। ଏ ସମ୍ପର୍କରେ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଶାନ୍ତ କୁମାର ସାମନ୍ତରାୟଙ୍କୁ ପଚାରିବାରୁ ଶବ ବ୍ୟବଚ୍ଛେଦ ପାଇଁ ଡାକ୍ତର ଅଭାବରୁ ଶବ ବ୍ୟବଚ୍ଛେଦ ହୋଇ ପାରୁନଥିବା ନେଇ ପ୍ରକାଶ କରିଛନ୍ତି।

## ଅପେରା ପାର୍ଟି ଟ୍ରକ୍ ଧକ୍କାରେ ସ୍ତ୍ରୀ ମୃତ; ସ୍ୱାମୀ ଓ ଝିଆରୀ ଗୁରୁତର





**ବଳଙ୍ଗା, ୨୯।୨(ସମିସ)**

ଗୁରୁବାର ଅପରାହ୍ନରେ ବଳଙ୍ଗା ଥାନା ଅନ୍ତର୍ଗତ ବଳଙ୍ଗା-ସାତସଙ୍ଖ ରାସ୍ତାର ଭୀମବଜାର ଛକ ଠାରେ ଏକ ଅପେରା ପାର୍ଟିର ଟ୍ରକ୍ ବାଇକ୍ ଉପରେ ଚଢ଼ିଯିବରୁ ଘଟଣା ସ୍ଥଳରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ଓ ଝିଆରୀ ଗୁରୁତର ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ ବଳଙ୍ଗା ଥାନା ଅନ୍ତର୍ଗତ ନନ୍ଦୀଗୋରଡା ଗ୍ରାମର ନବଘନ ପଲେଇ (୪୫), ପତ୍ନୀ କବିତା ପଲେଇ ଓ କବିତା ପଲେଇ ଭାଇଙ୍କ ଝିଅ ସ୍ୱାଗତିକା ପ୍ରଧାନଙ୍କୁ ନେଇ ବାଇକ୍‌ରେ ଡେଲାଙ୍ଗର ଘୋରଡିଆ ଗ୍ରାମକୁ ଏକ ଭୋଜିରେ ଯୋଗ ଦେବାଲାଗି ଯାଉଥିଲେ।ତେବେ ବଳଙ୍ଗା ପଟୁ ବାଇକ୍‌ରେ ଜାଉଥିବା ସମୟରେ ସ୍ୱର୍ଣ୍ଣ ମନ୍ଦିର ଅପେରା ପାର୍ଟିର ଏକ ଟ୍ରକ୍ ସେମାନଙ୍କ ବାଇକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ନବଘନ ଓ ଝିଆରୀ ସ୍ୱାଗତିକା ବାଇକ୍ ସହ ରାସ୍ତାର ବାମ ପଟକୁ ଛିଟିକି ପଡ଼ିଥିବା ବେଳେ କବିତା ଡାହାଣ ପଟ ତଥା ଟ୍ରକ୍ ଚକା ତଳକୁ ଛିଟିକି ପଡ଼ିଥିଲେ। ଫଳରେ ଟ୍ରକ୍ ତାଙ୍କ ମୁଣ୍ଡ ଉପରେ ଚଢିଯିବାରୁ ଘଟଣାସ୍ଥଳରେ ସେ ମୃତ୍ୟୁବରଣ କରିଥିଲେ। ନବଘନ ଓ ଝିଆରୀ ସ୍ୱାଗତିକା ଘଟଣା ସ୍ଥଳରେ ଚେତାସୂନ୍ୟ ହୋଇଥିବାରୁ ତୁରନ୍ତ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ପଠାଇ ଦିଆଯାଇଥିବା ଜଣାପଡ଼ିଛି। ଘଟଣା ସ୍ଥଳରୁ ଟ୍ରକ୍ ଚାଳକ ଫେରାର ହୋଇଯାଇଥିବା ବେଳେ ପୁଲିସ ଟ୍ରକ୍ ଏବ ବାଇକ୍‌କୁ ଜବତ କରି ଥାନାକୁ ଆଣିଥିବା ଜଣାପଡ଼ିଛି।

## ରାସ୍ତା କାର୍ଯ୍ୟ ନିମ୍ନମାନର
## କାମ ନସରୁଣୁ ଢଳେଇ ଫାଟି



**ନୟାହାଟ, ୨୯।୨(ସମିସ):** ପୁରୀଜିଲ୍ଲା ଚାରିଛକ ଥାନା ଅନ୍ତର୍ଗତ ବାହାରଣା ପଞ୍ଚାୟତକୁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ସିମେଣ୍ଟ ଢ଼ଳେଇ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି।ଏହି ରାସ୍ତା କାର୍ଯ୍ୟ ହେବାର ସପ୍ତାହ ନ ପୁରୁଣୁ ଢ଼ଳେଇ ବିଭିନ୍ନ ସ୍ଥାନରେ ଫାଟି ଯାଇଥିବା ଦେଖିବାକୁ ମିଳିଛି। ଯାହା ଫଳରେ ସରକାରଙ୍କ କୋଟି କୋଟି ଟଙ୍କା ପାଣିରେ ପଡ଼ିବାକୁ ଯାଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏସମ୍ପର୍କରେ ପୂର୍ବରୁ ବିଭିନ୍ନ ବିଭାଗକୁ ଅଭିଯୋଗ ହୋଇଥିଲେ ମଧ୍ୟ ଠିକାଦାର ତାର ମନ ଇଚ୍ଛାରେ କାର୍ଯ୍ୟ କରିଚାଲିଛି। ଗ୍ରାମ ଉନ୍ନୟନ ବିଭାଗ ସହିତ ଠିକାଦାର ମଧ୍ୟରେ ମଧୁ ଚନ୍ଦ୍ରିକା ସାଜିଛନ୍ତି ବୋଲି ଅଞ୍ଚଳରେ ସମାଲୋଚନା ହେଉଛି। ଯାହା ଫଳରେ ବିଭିନ୍ନ ସ୍ଥାନରେ ରାସ୍ତା ଫାଟି ଯିବାର ଦେଖିବାକୁ ମିଳିଛି। ରାସ୍ତା ନିର୍ମାଣ କାମରମାନ ଦେଖିବା ସହ ତଦନ୍ତ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ପ୍ରମୋଦ କଂଗ୍ରେସର ପ୍ରଦେଶ ପଛୁଆବର୍ଗର ରାଜ୍ୟ ସମ୍ପାଦକ



**ପିପିଲି, ୨୯।୨(ସମିସ):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପଛୁଆ ବର୍ଗ ବିଭାଗର ଅଧ୍ୟକ୍ଷ ବିଜୟାନନ୍ଦ ଚାଉଲିଆଙ୍କ ଅନୁମୋଦନ କ୍ରମେ ପିପିଲି ନିର୍ବାଚନ ମଣ୍ଡଳୀରୁ ପ୍ରମୋଦ କୁମାର ପଲେଇଙ୍କୁ ପ୍ରଦେଶ ପଛୁଆ ବର୍ଗର ରାଜ୍ୟ ସମ୍ପାଦକ ଭାବରେ ଏଆଇସିସି ଓବିସି ବିଭାଗର ଅଧ୍ୟକ୍ଷ କ୍ୟାପଟେନ ଅଜୟ ସିଂହ ଯାଦବ ନିଯୁକ୍ତି ଦେଇଛନ୍ତି। ନିଯୁକ୍ତି ପରେ ଶ୍ରୀ ପଲେଇ ପ୍ରଦେଶ କଂଗ୍ରେସ କମିଟିର ରାଜ୍ୟ ସଭାପତି ଶରତ ପଟ୍ଟନାୟକ ଓଡ଼ିଶା ପ୍ରଦେଶ ପ୍ରଭାରୀ ଡ଼ଃ ଅଜୟ କୁମାରଙ୍କୁ ଧନ୍ୟବାଦ ଦେବା ସହିତ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ନିର୍ବାଚନରେ କଂଗ୍ରେସ କିଭଳି ପିପିଲି ନିର୍ବାଚନ ମଣ୍ଡଳୀରେ କ୍ଷମତାକୁ ଫେରିବ ଆପ୍ରାଣ ଉଦ୍ୟମ ଜାରି ରଖିବେ ବୋଲି କହିଛନ୍ତି।

## କାକଟପୁରକୁ ଏନ୍‌ଏସି ଦାବିରେ ପଦଯାତ୍ରା

**କାକଟପୁର, ୨୯।୨(ସମିସ)**




କାକଟପୁରକୁ ଏନ୍.ଏ.ସି ମାନ୍ୟତା ମିଳିବା ନେଇ ଦୀର୍ଘ ଦିନରୁ ଦାବି ହୋଇ ଆସିଛି। କାକଟପୁର ମା' ମଙ୍ଗଳାଙ୍କ ପାଇଁ ପ୍ରସିଦ୍ଧ ଧାର୍ମିକ କ୍ଷେତ୍ର ସହ ପର୍ଯ୍ୟଟନ କ୍ଷେତ୍ର ମଧ୍ୟ। ପ୍ରତିଦିନ ଓଡ଼ିଶା ବାହାରୁ ମଧ ଶହଶହ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ପାଇଁ ଆସିଥାନ୍ତି କାକଟପୁର ପଞ୍ଚାୟତା ଲୋକସଂଖ୍ୟା ୧୦ ହଜାରରୁ ଅଧିକ ତା ସହିତ ଉକ୍ତ ପଞ୍ଚାୟତ ତଥା କାକଟପୁର ବଜାରକୁ ଲାଗି କଟକଣା କଣ୍ଟାପଡ଼ା ପଞ୍ଚାୟତର ଜନସଂଖ୍ୟା ମଧ ବହୁତ। କାକଟପୁର ବିଧାନସଭା କ୍ଷେତ୍ରର କାକଟପୁର ଏକ ପ୍ରମୁଖ ସ୍ଥାନ। ତେଣୁ କାକଟପୁରକୁ ଏନ୍‌ଏସି ମାନ୍ୟତା ମିଳିବା ଆବଶ୍ୟକ। ୨୦୧୪ ଏବଂ ୨୦୧୭ ମସିହାରେ କାକଟପୁର ଏନ୍‌ଏସି ପାଇଁ ସରକାରଙ୍କ ଦ୍ୱାରା କରାଯାଇବା ସର୍ଭେରେ ସରକାରୀ ରିପୋର୍ଟ ଅନୁଯାୟୀ କାକଟପୁରକୁ ଏନ୍‌ଏସି ମାନ୍ୟତା ପାଇଁ ସମସ୍ତ ଯୋଗ୍ୟତା ରହିଛି। କାକଟପୁର ଏନ୍‌ଏସି ତାଲିକା ମଧରେ ନ ଆସିବା ଫଳରେ କାକଟପୁର ଜନମାନସରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଲୋକମାନଙ୍କର ପ୍ରତିକ୍ରିୟାକୁ ସମ୍ମାନ ଜଣାଇ କାକଟପୁର କିଛି ଯୁବକ ଏବଂ ବୁଦ୍ଧିଜୀବୀମାନେ ମୁଖ୍ୟମନ୍ତ୍ରୀଙ୍କୁ କାକଟପୁର ଅଞ୍ଚଳବାସୀଙ୍କ ପ୍ରତିକ୍ରିୟାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚାଇବାର ସଂକଳ୍ପ ସ୍ୱରୂପ କାକଟପୁରରୁ ନବୀନ ନିବାସ ଆଭିମୁଖେ ଏକ ପଦଯାତ୍ରା କରିଛନ୍ତି। କାକଟପୁର ମା' ମଙ୍ଗଳାଙ୍କ ଆଜ୍ଞାମାଳ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କାକଟପୁରବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ଏନ୍‌ଏସି ମାନ୍ୟତା ଦାବି ବିଷୟରେ ଜଣାଇବାକୁ ପଦଯାତ୍ରା କରାଯାଇଛି ବୋଲି କହିଛନ୍ତି।

## ଡାକ ଓଭରସିୟରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା



**ନିମାପଡ଼ା, ୨୯।୨ (ସମିସ):** ନିମାପଡ଼ା ଉପଖଣ୍ଡ ଡାକ ଓଭରସିୟର ଅନାଦୀ ଚରଣ ତ୍ରିପାଠୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ନିମାପଡ଼ା ମୁଖ୍ୟ ଡାକଘର ପରିସରରେ ନିମାପଡ଼ା ଉପଖଣ୍ଡ ଡାକ ନିରୀକ୍ଷକ ଶୁଭାଶିଷ ଆଚାର୍ଯ୍ୟଙ୍କ ଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଡାକ ଅଧୀକ୍ଷକ ପୁରୀ ରତନ ଯାନା, ସମ୍ମାନିତ ଅତିଥି ଭାବେ ଡାକ ଉପଅଧୀକ୍ଷକ ଅଜୟ କୁମାର ସ୍ୱାଇଁ, ଆଇପିପିବିର ମୁଖ୍ୟ ଶାଖା ପରିଚାଳକ ନିତିଶ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମ୍ଭରେ ଓଭରସିୟର ଲିଙ୍ଗରାଜ ସାହୁ, ଅବସରପ୍ରାପ୍ତ ଓଭରସିୟୋର ଶିବଚରଣ ସେଠୀ, ଅବସରପ୍ରାପ୍ତ ଓଭରସିୟୋର ସୋମନାଥ ଭୋଇ ପ୍ରମୁଖ ଯୋଗଦେଇ ଶ୍ରୀ ତ୍ରିପାଠୀଙ୍କୁ ଫୁଲତୋଡା ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଅବସରରେ ନିମାପଡ଼ା ଉପଖଣ୍ଡର ସମସ୍ତ ଶାଖା ଡାକଘର ଏବଂ ଉପ ଡାକଘର କର୍ମଚାରୀ ମାନେ ଯୋଗଦେଇ ଫୁଲତୋଡା ସହିତ ବିଭିନ୍ନ ଉପହାର ମାନ ଦେଇଥିଲେ। ଉତ୍ସବକୁ ଆୟୋଜନ କରିଥିବା ସମସ୍ତ ଡାକ କର୍ମଚାରୀ ମାନଙ୍କୁ ଶ୍ରୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କଣାସ, ୨୯।୨(ସମିସ):** କଣାସ ବ୍ଲକର ୩ଜଣ ପ୍ରାଥମିକ ଶିକ୍ଷକ ଓ ଗଡ଼ିବଡପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁବାସ ଚନ୍ଦ୍ର ଦାଶ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଗଡ଼ିବଡପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ଶ୍ରୀଚନ୍ଦନଙ୍କ ଅଧକ୍ଷତାରେ ବିଦ୍ୟାଳୟ ପରିସରରେ ଶିକ୍ଷାକ ସୁବାସ ଚନ୍ଦ୍ର ଦାଶଙ୍କ ଅବସରକାଳିନ ବିଦାୟ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ରୂପେ ବିଶିଷ୍ଟ ଶିକ୍ଷାବିତ୍ ମହେନ୍ଦ୍ର



କୁମାର ରଣସିଂହ, ମୁଖ୍ୟବକ୍ତା ଚିତ୍ରସେନ ବରାଳ ଓ ସମ୍ମାନିତ ଅତିଥିରୂପେ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ଦାସ, ସାଧାନକେନ୍ଦ୍ର ସଂଯୋଜକ ଭୂପତି ଭୂଷଣ ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷକ ଧରଣୀଧର ଜୟସିଂହ, ବିଦ୍ୟାଳୟ ଆଲମୁନ୍ ପ୍ରତିନିଧି ସଂଗ୍ରାମ ପାଲଟାସିଂହ ଓ ପରିଚାଳନା କମିଟି ଅଧକ୍ଷ ବିରାଟ ବଳିଆରସିଂହ ପ୍ରମୁଖ ବିଦାୟୀ ଶିକ୍ଷକଙ୍କର କାର୍ଯ୍ୟ ଦକ୍ଷତା ଓ ଛାତ୍ରବତ୍ସଳତାର ଆଲୋଚନା କରିଥିଲେ। ବିଦ୍ୟାଳୟ, ସିଆରସିସି, ଛାତ୍ରଛାତ୍ରୀ ତଥା ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଶ୍ରୀଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ପିତବାସ ସୁନା ଓ ବିରବର ବେହେରା ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ଶିକ୍ଷକ ଶିକ୍ଷୟେତ୍ରୀମାନେ ଏହି ସହଯୋଗ କରିଥିଲେ। ସେହିପରି କଣାସ ବ୍ଲକର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପିତବାସୀ ମାଝି, କାଳୁଚରଣ ପରିଡ଼ା ଓ ରବିନାରାୟଣ ମହାପାତ୍ରଙ୍କୁ ସେମାନଙ୍କ ବିଦ୍ୟାଳୟ ତଥା କଣାସ ବ୍ଲକ ଶିକ୍ଷବିଭାଗୀୟ କାର୍ଯ୍ୟପକ୍ଷରୁ ଅବସରକାଳିନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

### ଦୁର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟ
## ୩୯୬ ଜଣ ପାଇଲେ 'ନୂଆ-ଓ' ଛାତ୍ରବୃତ୍ତି

**ଟାଙ୍ଗୀ, ୨୯।୨(ସମିସ)**

ରାଜ୍ୟ ସରକାର ଉଚ୍ଚଶିକ୍ଷା କ୍ଷେତ୍ରରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ଦେବାର ପ୍ରୟାସ ଆରମ୍ଭ କରିଛନ୍ତି। ଅର୍ଥାଭାବରୁ କୌଣସି ଛାତ୍ରଛାତ୍ରୀ ଉଚ୍ଚଶିକ୍ଷାରୁ ବଞ୍ଚିତ ନହେବା ପାଇଁ ନୂଆ ଓ ଛାତ୍ରବୃତ୍ତି ଯୋଜନା ରାଜ୍ୟ ସରକାର ପ୍ରଚଳନ କରିଛନ୍ତି। ଏଥିପାଇଁ ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟୟନରତ ୫୩୧ ଜଣ ଛାତ୍ରଛାତ୍ରୀ ବୃତ୍ତି ପାଇଁ ମନୋନୀତ ହୋଇଥିଲେ। ପ୍ରଥମ ପର୍ଯ୍ୟାୟରେ ୩୯୬ ଜଣଙ୍କ ବ୍ୟାଙ୍କଖାତାରେ ଉକ୍ତ ଛାତ୍ରବୃତ୍ତି ଅର୍ଥ ଜମା ହୋଇଥିବା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ଶତପଥି ସୂଚନା ଦେଇଛନ୍ତି।ଏହି ଶିକ୍ଷାନୁଷ୍ଠାନର ୩୫୦ ଜଣ ଛାତ୍ରଛାତ୍ରୀଙ୍କୁ ନୋଡାଲ ଅଫିସର ସଞ୍ଜୀବ କୁମାର ପରିଡ଼ାଙ୍କ ନେତୃତ୍ୱରେ ଅଧ୍ୟାପକ ସୁଶିଲ କୁମାର ମହାପାତ୍ର, ଅଧ୍ୟାପିକା ସର୍ମିଷ୍ଠା ଦାସ, ଅଧ୍ୟାପିକା ରିଙ୍କିନା ପ୍ରଧାନ, ଅଧ୍ୟାପକ ସୁକାନ୍ତ କୁମାର ପରିଡ଼ା, ଅଧ୍ୟାପିକା ସୁଭଦ୍ରା ବଳିୟାରସିଂହ, ଅଧ୍ୟାପକ ଡ. ପ୍ରିୟରଞ୍ଜନ ପଟ୍ଟନାୟକ, ଅଧ୍ୟାପିକା ମିତା ସାଇଁ, ଅଧ୍ୟାପକ ବିକ୍ରମ ପ୍ରସାଦ ରଣା, ଅଧ୍ୟାପିକା ସଂଯୁକ୍ତା କୁମାରୀ ସାହୁଙ୍କ ସମେତ ସୁମିତ୍ ଶୋଭନ ପଟଯୋଶି, ପ୍ରଶନ୍ନ କୁମାର ପୃଷ୍ଟି, ପ୍ରତ୍ୟୁଷ କୁମାର ଦଳାଇ, ରୁତୁପର୍ଣ୍ଣା ମହାପାତ୍ର କାର୍ଯ୍ୟରତ କର୍ମଚାରୀମାନେ ଯୋଗଦେଇଥିବା ଜଣାପଡ଼ିଛି। ଏହି ଛାତ୍ରବୃତ୍ତି ପାଇଁ ଛାତ୍ରଛାତ୍ରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଟ୍ରେନ୍ ଆଗକୁ ଡେଇଁ ଘରୋଇ ବିଦ୍ୟାଳୟ ଡ୍ରାଇଭରଙ୍କ ଆତ୍ମହତ୍ୟା

**ଜଟଣୀ, ୨୯।୨(ସମିସ):** ଜଟଣୀ ଖୋର୍ଦ୍ଧାରୋଡ ଷ୍ଟେସନରେ ବୁଧବାର ରାତିରେ ଏକ୍ସପ୍ରେସ ଟ୍ରେନ୍ ସମ୍ମୁଖକୁ ଡେଇଁ ଜଣେ ଘରୋଇ ବିଦ୍ୟାଳୟର ଡ୍ରାଇଭର ଆତ୍ମହତ୍ୟା କରିଥିବା ଖୋର୍ଦ୍ଧାରୋଡ ଜିଆରପି ପକ୍ଷରୁ ସୂଚନା ମିଳିଛି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ସୂଚନାନୁସାରେ, ନବରଙ୍ଗପୁର ଜିଲ୍ଲା କୋଡିଙ୍ଗା ଥାନା ଅଞ୍ଚଳର ନରେଶ ଭଟ୍ଟାରା (୨୫) ବିଗତ ୩ବର୍ଷରୁ ଊର୍ଦ୍ଧ୍ୱ ହେବ ଖୋର୍ଦ୍ଧା ଶିଳ୍ପାଞ୍ଚଳ ନାଇଡୁ କନସେପ୍ଟ ବିଦ୍ୟାଳୟରେ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ମାତ୍ର ବୁଧବାର ରାତିରେ ନରେଶ ବିଦ୍ୟାଳୟର ଜଣେ କର୍ମଚାରୀଙ୍କୁ ଖୋର୍ଦ୍ଧାରୋଡ ରେଳଷ୍ଟେସନରେ ଛାଡିଥିଲେ। କର୍ମଚାରୀଙ୍କୁ ଟ୍ରେନରେ ଛାଡିଦେବାପରେ ପ୍ଲାଟ ଫର୍ମ ନଂ୨ରେ ତପସ୍ୱିନୀ ଏକ୍ସପ୍ରେସ ଆସୁଥିବା ବେଳେ ନରେଶ ଉକ୍ତ ଟ୍ରେନ ସମ୍ମୁଖକୁ ଡେଇଁ ପଡ଼ିଥିଲେ। ଘଟଣାସ୍ଥଳରେ ନରେଶଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବା ବେଳେ ଯାତ୍ରୀମାନେ ଖୋର୍ଦ୍ଧାରୋଡ ଜିଆରପି ପୁଲିସକୁ ଅବଗତ କରାଇଥିଲେ।ଏନେଇ ଖୋର୍ଦ୍ଧାରୋଡ ଜିଆରପି ଥାନାରେ ୧୫/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ମାଟ୍ରିକ ପରୀକ୍ଷା ସମୟରେ ଛାତ୍ରୀଙ୍କ ଠାରୁ ମୋବାଇଲ ମିଳିବା ଘଟଣା
## ବିଇଓ ତୁଲାଇଲେ ପରୀକ୍ଷା ପରିଚାଳନା ଦାୟିତ୍ୱ

**ଚାରିଛକ, ୨୯।୨(ସମିସ)**

ଚାରିଛକ ସ୍ଥିତ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟରେ ଗତ ବୁଧବାର ସଂସ୍କୃତ ଓ ହିନ୍ଦୀ ପରୀକ୍ଷା ଚାଲିଥିବା ସମୟରେ ସ୍କ୍ୱାର୍ଡ ଯାଞ୍ଚ କରି ପରୀକ୍ଷା ଦେଉଥିବା ଜଣେ ଛାତ୍ରୀଙ୍କ ଠାରୁ ଗୋଟିଏ ମୋବାଇଲ ଜବତ କରି ପରୀକ୍ଷା କେନ୍ଦ୍ର ଅଧିକ୍ଷକଙ୍କ ସମେତ ୩ଜଣ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ଉକ୍ତ ପରୀକ୍ଷା କେନ୍ଦ୍ରକୁ ଜଣେ ଛାତ୍ରୀ ମୋବାଇଲ ନେଇଥିଲେ। ପରୀକ୍ଷା ହଲରେ ସ୍ୱତନ୍ତ୍ର ସ୍କ୍ୱାର୍ଡର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମମତା ମିଶ୍ର ଯାଞ୍ଚ କରିବା ବେଳେ ଜଣେ ଛାତ୍ରୀଙ୍କ ଠାରୁ ମୋବାଇଲ ଫୋନ ମିଳିଥିଲା। କାର୍ଯ୍ୟରେ ଅବହେଳା ଦାୟୀ କରି ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରର ଅଧିକ୍ଷକ ତଥା ଉକ୍ତ ବିଦ୍ୟାଳୟର ସହକାରୀ ଶିକ୍ଷକ ପଦୀପ୍ତ ଚନ୍ଦ୍ର ସାହୁ, ଇନ୍‌ଭିଜିଲେଟର ଦାୟିତ୍ୱରେ ଥିବା ଭିଲିଗ୍ରାମ ନୋଡାଲ ସ୍କୁଲର ଶିକ୍ଷୟତ୍ରୀ ସଂଘମିତ୍ରା ଦିକ୍ଷୀତ ଓ ସୁଜାତା ସାହୁଙ୍କୁ ନିଲମ୍ବନ କରିଛନ୍ତି ପୁରୀ ଜିଲ୍ଲା ଶିକ୍ଷାଧିକାରୀ ଡଃ. ବିଶ୍ୱଜିତ ଘୋଷ।

ସେହିପରି ଚେକିଂ ଦାୟିତ୍ୱରେ ଥିବା ଠାକୁରପାଟଣା ରତ୍ନପୀର ବିଦ୍ୟାନିକେତନର ଇତିଶ୍ରୀ ଷଡଙ୍ଗୀ ଓ ରେଙ୍ଘାଳୋ ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ବସନ୍ତ ମହାନ୍ତି ପରୀକ୍ଷା ପରିଚାଳନା ଦାୟିତ୍ୱରୁ ଅନ୍ତର କରାଯାଇଛି। ନିଲମ୍ବିତ ହୋଇଥିବା ସହକାରୀ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଅନ୍ୟଆଦେଶ ପର୍ଯ୍ୟନ୍ତ ବିଇଓଙ୍କ କାର୍ଯ୍ୟାଳୟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କୁ ନିଲମ୍ବନ କରାଯିବା ପରେ ଅବଶିଷ୍ଟ ପରୀକ୍ଷା ପରିଚାଳନା ପାଇଁ ବ୍ଲକ ଶିକ୍ଷାଧିକାରୀ ହିତୀକାନ୍ତ ପ୍ରଧାନ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟର ସୁପରିଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଇଛନ୍ତି। ସେହିପରି ଶିକ୍ଷୟତ୍ରୀ ମମତା ରାଣୀ ମିଶ୍ର, ନମିତା ବେହେରା ଓ ସଂଘମିତ୍ରା ତ୍ରିପାଠୀଙ୍କୁ ପରୀକ୍ଷା ପରିଚାଳନାରେ ସହାୟତା କରିବାକୁ ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି।

# ପାନୀୟ ଜଳଯୋଗାଣ ପ୍ରକଳ୍ପ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଓଡଗାଁ,୨୯।୨(ସମିସ)



ବିକାଶ ପଥରେ ଓଡ଼ଗାଁ

ସହରାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଆଧୁନିକ ସୁଖ ସୁବିଧା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ସର୍ବଦା ଗୁରୁତ୍ୱ ଦେଇ ଆସୁଛନ୍ତି। ପୂର୍ବରୁ ପୁରୀ, କଟକ ଓ ବ୍ରହ୍ମପୁର ଇତ୍ୟାଦି ବଡ଼ ବଡ଼ ସହରରେ ଯୋଗାଇ ଦିଆଯାଇଥିବା ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ପରି ଓଡ଼ଗାଁ ସହରବାସୀଙ୍କୁ ସ୍ୱଚ୍ଛ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଉଦ୍ଦେଶ୍ୟରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଓଡ଼ଗାଁ ସହର ପାଇଁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଏହି ଯୋଜନାରେ ଓଡ଼ଗାଁ ସହରର ୧୫ଟି ୱାର୍ଡର ୨୯୮୭ ପରିବାର ଅର୍ଥାତ୍ ୧୫ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଉପକୃତ ହୋଇପାରିବେ। ୩୦ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମାଣ ହୋଇଥିବା ବେଳେ ଉଦ୍‌ଘାଟନ ଅବସରରେ ପ୍ରତି ପରିବାରକୁ ବିଶୁଦ୍ଧ ପିଇବା ପାଣି ଯୋଗାଇବା ମୋର ବହୁତ ଦିନର ସ୍ୱପ୍ନ ଏବଂ ଏହା ସବୁବେଳେ ମୋ ସରକାରର ପ୍ରାଥମିକତା ହୋଇ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଓଡ଼ଗାଁ ସହରକୁ ଶୁଦ୍ଧ ପାନୀୟ ଜଳ ଯୋଗାଣର ଶୁଭାରମ୍ଭ କରି ଆଜି ଏକ ଐତିହାସିକ ଦିନ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଜଳ ସମସ୍ତଙ୍କ ପାଇଁ ଅମୂଲ୍ୟ। "ଡ୍ରିଙ୍କ ଫ୍ରମ ଟ୍ୟାପ' ମିଶନ ଜରିଆରେ ଜନସାଧାରଣ ଟ୍ୟାପରୁ ସିଧାସଳଖ ବିଶୁଦ୍ଧ ପାନୀୟ ଜଳ ପାଇପାରୁଛନ୍ତି। ଏହି ପାଣିକୁ ଫିଲ୍ଟର କରିବା ଆବଶ୍ୟକ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ରଗଡିସାହିଠାରେ ଆୟୋଜିତ ଆଜିର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଓଡ଼ିଶା ସରକାରଙ୍କ ଏହି କାର୍ଯ୍ୟକ୍ରମ ବିକାଶଶୀଳ ରାଷ୍ଟ୍ର ପାଇଁ ଏକ ରୋଲ ମଡେଲ ହୋଇପାରିଛି। ଆଜିଠାରୁ ଓଡ଼ଗାଁ ସହର ବିକାଶ କ୍ଷେତ୍ରରେ ନୂଆ ଯୁଗ ଆରମ୍ଭ ହେଲା ବୋଲି କହିଥିଲେ। ସେହିପରି ବିଶୁଦ୍ଧ ଜଳକୁ ଉପଯୁକ୍ତ ଭାବେ ବ୍ୟବହାର କରିବା ଉଚିତ ବୋଲି ବିଧାୟକ ମତରଖି ଗୋଟିଏ ବି ବୁନ୍ଦା ଜଳ ନଷ୍ଟ ନ କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲ୍ଲା ପରିଷଦ ସଭ୍ୟା ବିରଜାଲକ୍ଷ୍ମୀ ସାହୁ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଜନସ୍ୱାସ୍ଥ୍ୟ ଖଣ୍ଡ ବିରଞ୍ଚି ନାରାୟଣ ପ୍ରଧାନ, ଅଧୀକ୍ଷଣ ଯନ୍ତ୍ରୀ ଜନସ୍ୱାସ୍ଥ୍ୟ ଉପଖଣ୍ଡ ଦୁର୍ଯ୍ୟୋଧନ ସାହୁ, ସହକାରୀ ଯନ୍ତ୍ରୀ ସୁଧାକର ସ୍ୱାଇଁ, ଓଡ଼ଗାଁ ସମବାୟ ସଭାପତି ବିଭୁପ୍ରସାଦ ସାହୁ, ପୂର୍ବତନ ସରପଞ୍ଚ ଦିବାକର ନାୟକଙ୍କ ସହିତ ସ୍ଥାନୀୟ ଜନପ୍ରତିନିଧି ଓ ଜନସାଧାରଣ ଉପସ୍ଥିତ ଥିଲେ।

## ପ୍ରୀତିପର୍ବାଙ୍କୁ ବକ୍ତୃତାରେ ସ୍ୱର୍ଣ୍ଣ ପଦକ



**ନୟାଗଡ଼,୨୯।୨(ସମିସ):** ଉତ୍କଳ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ପ୍ରୀତିପର୍ବା ମହାପାତ୍ରଙ୍କୁ ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। କୁଳାଧିପତି ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରୀତିପର୍ବା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ନୟାଗଡ଼ ବ୍ଲକ ଅନ୍ତର୍ଗତ ମାଛିପଡ଼ା ଗ୍ରାମର ପରିକ୍ଷୀତ ମହାପାତ୍ର ଏବଂ ସୌଭାଗ୍ୟ ମଞ୍ଜରୀ ମହାପାତ୍ରଙ୍କ କନ୍ୟା ଅଟନ୍ତି। "ସକାଳ' ତୃତୀୟ ସ୍ୱନକ୍ଷତ୍ର ଅବସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତାରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହାକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ଜିଲ୍ଲା ମହୋତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜିର କୁଳାଧିପତି ବକ୍ତୃତା ପ୍ରତିଯୋଗିତାରେ ବିଜେତା ପରେ ନୟାଗଡ଼ ମହାବିଦ୍ୟାଳୟ ଏବଂ ସ୍ଥାନୀୟ ଅଞ୍ଚଳରେ ପ୍ରୀତିପର୍ବାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଅନ୍ଧାର ବାଉତୀ ଠାକୁରାଣୀଙ୍କ ମନ୍ଦିର ରତ୍ନମୁଦ

**ଓଡ଼ଗାଁ,୨୯।୨(ସମିସ):** ଓଡ଼ଗାଁ ଏନ୍‌ଏସି ଅନ୍ତର୍ଗତ କଦଳୀ ବନ୍ଧ ଗ୍ରାମରେ ବିରାଜିତ ଅନ୍ଧାର ବାଉତି ଠାକୁରାଣୀ ମନ୍ଦିର ରତ୍ନମୁଦ ଓ ପ୍ରତିଷ୍ଠା ଉତ୍ସବ ନିମନ୍ତେ ୩ ଦିନ ଧରି ଚାଲିଥିବା ଘୃତ ଯଜ୍ଞର ଗୁରୁବାର ପୂର୍ଣ୍ଣାହୁତି ହୋଇଥିଲା। ଏହି ଅବସରରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ସହିତ ଅନ୍ୟାନ୍ୟ ଜନପ୍ରତିନିଧି ମଧ୍ୟାହ୍ନରେ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। ଏହି ଉପଲକ୍ଷେ ମଙ୍ଗଳବାର ପୂର୍ବାହ୍ନରେ ଗ୍ରାମବାସୀଙ୍କ ସହଯୋଗରେ ଶତାଧିକ ମହିଳା ଓଡ଼ଗାଁ ରାମସାଗର ପୁଷ୍କରିଣୀଠାରେ ପହଞ୍ଚି ଶୁଦ୍ଧପୂତ ଭାବେ ଜଳକଳସ ଆଣି ମା' ରାମଚଣ୍ଡୀଙ୍କ ମଣ୍ଡପରେ ରଖିବା ପରେ ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ସୂର୍ଯ୍ୟପୂଜା ଓ ଅନ୍ୟାନ୍ୟ ପୂଜାର୍ଚ୍ଚନା ସାରି ୧୦୮ କଳସକୁ ମହିଳା ଓ ପୁରୁଷ ଏକ ବିରାଟ ପଟୁଆରରେ ଢୋଲ, ସଂକୀର୍ତ୍ତନ ମଧ୍ୟରେ ଜଳକଳସଗୁଡ଼ିକୁ ମସ୍ତକରେ ଧାରଣ କରି ଗ୍ରାମରେ ଅଧିଷ୍ଠିତ ଅନ୍ଧାର ବାଉତି ଠାକୁରାଣୀ ପୀଠ ଉପଲକ୍ଷେ କଳସ ଯାତ୍ରାରେ ବାହାରିଥିଲେ। ଯଜ୍ଞସ୍ଥଳରେ ଗ୍ରାମବାସୀ ମାନଙ୍କ ସହିତ ଉପସ୍ଥିତ ବେଦଜ୍ଞ ପଣ୍ଡିତ ଦଧିବାମନ ଦାଶ ଶର୍ମାଙ୍କ ସହିତ ପଣ୍ଡିତ ସନ୍ତୋଷ କୁମାର ତ୍ରିପାଠୀ ଓ ଅନ୍ୟ ବୈଦିକ ବ୍ରାହ୍ମଣ ମାନଙ୍କ ଦ୍ୱାରା ପୂଜାର୍ଚ୍ଚନା ମାଧ୍ୟମରେ ଗଙ୍ଗାମାତାଙ୍କୁ ଆବାହନ କରାଯାଇଥିଲା। ୩ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମର ଆଜି ଅପରାହ୍ନରେ ପୂର୍ଣ୍ଣାହୁତି ହୋଇଥିବା ବେଳେ ଜଗନ୍ନାଥ ପ୍ରଧାନ, ଗ୍ରାମ ସଭାପତି, ପ୍ରମୋଦ କୁମାର ମାଝୀ, ସମ୍ପାଦକଙ୍କ ସହିତ ଗୌରାଙ୍ଗ ବିଶ୍ୱାଳ, ରବୀନ୍ଦ୍ର ମାଝୀ, ଭୋବନୀ ବାରିକ, ଆନନ୍ଦ ବିଶୋଇ ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ। ଗ୍ରାମବାସୀ ସହଯୋଗ କରିଥିଲେ।

## ଦେଶୀ ବନ୍ଧୁକ ଓ ବିସ୍ଫୋରକ ସାମଗ୍ରୀ ଜବତ; ୨ ଗିରଫ

**ଓଡ଼ଗାଁ, ୨୯ ।୨(ସମିସ):** ଓଡ଼ଗାଁ ଆଦର୍ଶ ଥାନା ପୁଲିସ ରୋହିବାଙ୍କ ପଞ୍ଚାୟତ ନରସିଂହପ୍ରସାଦ ଛକରୁ ଗୋଟିଏ ଦେଶୀ ବନ୍ଧୁକ ସମେତ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଏହି ଘଟଣାରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ କଣସାରଣ ଗାଁର ସନ୍ତୋଷ ନାୟକ ଓ ଦୀନବନ୍ଧୁ ନାୟକ। ବୁଧବାର ସନ୍ଧ୍ୟା ପ୍ରାୟ ୬ଟା ୩୦ରେ ଓଡ଼ଗାଁ ପୁଲିସ ପକ୍ଷରୁ ରୋହିବାଙ୍କ ଅଞ୍ଚଳରେ ପାଟ୍ରୋଲିଂ ଜାରି ରହିଥିବା ବେଳେ ଏଏସ୍‌ଆଇ ମନୋଜ କୁମାର ପାତ୍ରଙ୍କୁ ଦୁଇ ଜଣ ଯୁବକଙ୍କ କାର୍ଯ୍ୟକଳାପ ଉପରେ ସନ୍ଦେହ ହେବାରୁ ତାଙ୍କୁ ଅଟକାଇ ପଚରାଉଚରା କରିଥିଲେ। ଯାଞ୍ଚ କରିବା ସମୟରେ ତାଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, କିଛି ବିସ୍ଫୋରକ ସାମଗ୍ରୀ ଓ ଚାଲାଣରେ ବ୍ୟବହୃତ ବାଇକ୍‌କୁ ଜବତ କରିଥିଲେ। ଏ ନେଇ ପୁଲିସ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିବା ନେଇ ତଦନ୍ତକାରୀ ଅଫିସର ଭୀମସେନ ମଲ୍ଲିକ ସୂଚନା ଦେଇଛନ୍ତି।

## ବୋଦସାରେ 'ଆମ ବ୍ୟାଙ୍କ' ଶୁଭାରମ୍ଭ

**ଖଣ୍ଡପଡ଼ା,୨୯।୨(ସମିସ):** ଖଣ୍ଡପଡ଼ା ବ୍ଲକ ଅଧୀନ ବୋଦସା ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ବ୍ୟାଙ୍କ ସେବା ନିମନ୍ତେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ବ୍ୟାଙ୍କ ସେବାରୁ ବଞ୍ଚିତ ଲୋକମାନଙ୍କୁ ପଞ୍ଚାୟତରେ ବ୍ୟାଙ୍କିଂ ସେବା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ "ଆମ ବ୍ୟାଙ୍କ' ସେବାର ଶୁଭାରମ୍ଭ କରିଥିବା ବେଳେ ବ୍ଲକ ଅଧୀନ ବୋଦସା ପଞ୍ଚାୟତରେ ଏହା ଖୋଲିଥିବା ନେଇ ସୂଚନା ମିଳିଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ଯୋଗଦେଇ ଆନୁଷ୍ଠାନିକ ଭାବେ ଆମ ବ୍ୟାଙ୍କ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଅଙ୍କୁର ଅଭିଳାଷ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ପ୍ରତିନିଧି ହୃଷିକେଶ ରାଉତ, ସମିତି ପ୍ରତିନିଧି ମାନସ କୁମାର ବସ୍ତି, ଗ୍ରାମ ସଭାପତି ଗୋଦାବରୀ ବରାଡ଼, ମର୍ଦ୍ଦରାଜପୁର ସମିତି ସଭ୍ୟ କୁବେର ଗୋଛି, ସାମ୍ବାଦିକ ଜନ୍ମେଜୟ ଦଳେଇ, ପୂର୍ବତନ ସମିତି ସଭ୍ୟ ଭାଗିରଥି ଖୁଣ୍ଟିଆ, ଯୁବ ସମାଜସେବୀ ପ୍ରଶାନ୍ତ ପାତ୍ର, ଆମ ବ୍ୟାଙ୍କ ସେବା କର୍ମଚାରୀ ସୁକାନ୍ତ ସାହୁଙ୍କ ସମେତ ବହୁ ମହିଳା ଓ ପୁରୁଷ ଯୋଗ ଦେଇଥିଲେ।

## ଆଜିଠୁ ଚତୁର୍ଥ ରାଜ୍ୟସ୍ତରୀୟ ନାଟ୍ୟମେଳା

• ସମ୍ବର୍ଦ୍ଧିତ ହେବେ ନାଟ୍ୟଗୁରୁ ଏବଂ ଚିତ୍ରାଳୟ

**ନୟାଗଡ଼,୨୯।୨(ସମିସ):** ଆସନ୍ତାକାଲି ଅର୍ଥାତ ୧ ମାର୍ଚ୍ଚ ୨୦୨୪ଠାରୁ ୭ ମାର୍ଚ୍ଚ ଯାଏଁ ଦୀର୍ଘ ସାତ ଦିନ ବ୍ୟାପୀ ରାଜ୍ୟସ୍ତରୀୟ ନାଟ୍ୟମେଳା ପଠାଣି ସାମନ୍ତ ଅଡିଟୋରିୟମଠାରେ ଅନୁଷ୍ଠିତ ହେବ। 'ନାଟ୍ୟଧାରା' ଏବଂ ଜିଲ୍ଲା ସଂସ୍କୃତି ପରିଷଦଙ୍କ ମିଳିତ ଆନୁକୂଲ୍ୟରେ ଚଳିତ ବର୍ଷ ଚତୁର୍ଥ ରାଜ୍ୟସ୍ତରୀୟ ନାଟ୍ୟମେଳାରେ ଦଶପଲ୍ଲା ଅଞ୍ଚଳର ବରିଷ୍ଠ ରାମଲୀଳା ନାଟ୍ୟଗୁରୁ ମଦନ ମୋହନ ସିଂ ଏବଂ ଇଟାମାଟି ମା' ଚିତ୍ରାଳୟର ସତ୍ତ୍ୱାଧିକାରୀ ପୀତବାସ ମାନସିଂହ, ବିଶିଷ୍ଟ ଅପେରା ଗୁରୁ ଜନାର୍ଦ୍ଦନ ମିଶ୍ରଙ୍କୁ ନାଟ୍ୟମେଳାର ଅନ୍ତିମ ଦିବସରେ ନାଟ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ ବୋଲି ନାଟ୍ୟଧାରା ପକ୍ଷରୁ ସୂଚନା ମିଳିଛି। ଉଦ୍‌ଘାଟନୀ ସନ୍ଧ୍ୟାରେ 'ନାଟ୍ୟଧାରା' ନାଟକ 'ଅରୂପାରୂପା' ମଞ୍ଚସ୍ଥ ହେବ। ସେହିପରି ମାର୍ଚ୍ଚ ୨ରେ ସମ୍ବଲପୁର କଲଚରାଲ ଆସୋସିଏସନ୍ ପକ୍ଷରୁ ନାଟକ 'କେଡ଼ା', ମାର୍ଚ୍ଚ ୩ରେ ଓମ ନାଟ୍ୟ ସଂସ୍ଥା ବାରିପଦା ପକ୍ଷରୁ ନାଟକ 'ମଞ୍ଚମାୟା', ମାର୍ଚ୍ଚ ୪ରେ ପଞ୍ଚଧ୍ୱନି ନାଟ୍ୟ ପରିଷଦ ଭୁବନେଶ୍ୱର ପକ୍ଷରୁ ନାଟକ 'ପଶାପାଲି', ମାର୍ଚ୍ଚ ୫ରେ ଚମତ୍କାର ନୟାଗଡ଼ ପକ୍ଷରୁ ନାଟକ 'ପତିତପାବନ ବାନା ଆଉ କେତେ ବେଳକୁ', ମାର୍ଚ୍ଚ ୬ରେ ଥିଏଟର ମାରାଥନ କଟକ ପକ୍ଷରୁ ନାଟକ 'ମହାପାପ' ଏବଂ ମାର୍ଚ୍ଚ ୭ ଅନ୍ତିମ ଦିବସରେ କଳାକାର ନାଟ୍ୟ ସଂସ୍ଥା ଅନୁଗୁଳ ପକ୍ଷରୁ ନାଟକ 'ଶୁଖିଲା ସମୁଦ୍ର' ମଞ୍ଚସ୍ଥ ହେବ। ପ୍ରତ୍ୟହ ସନ୍ଧ୍ୟା ୭ ଘ. ୩୦ ମିନିଟ ସମୟରେ ଆରମ୍ଭ ହେବାକୁ ଥିବା ନାଟକଗୁଡ଼ିକ ଥିଏଟର ଶୈଳୀରେ ପ୍ରଦର୍ଶିତ ହୋଇ ସର୍ବାଧିକ ଦୁଇ ଘଣ୍ଟା ଅବଧି ମଧ୍ୟରେ ପରିସମାପ୍ତ ହେବ।

# 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ

ଖଣ୍ଡପଡ଼ା,୨୯।୨(ସମିସ)



ଖଣ୍ଡପଡ଼ା ବ୍ଲକ ଅଧୀନ କୋସ୍କା ଓ କୁମ୍ଭାରପଡ଼ା ପଞ୍ଚାୟତରେ ଆଜି ଅପରାହ୍ନରେ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ପ୍ରତ୍ୟେକ ଘରେ ପହଞ୍ଚିଥିବା ନେଇ ପ୍ରଚାର ପ୍ରସାର କରାଯାଇଥିଲା। ପୂର୍ବତନ ବ୍ଲକ ବିଜେଡି ସଭାପତି ତଥା ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂହଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ଜନ୍ମେଜୟ ନାୟକ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରମାକାନ୍ତ ସେଠୀ, ବୋଦସା ପଞ୍ଚାୟତ ପୂର୍ବତନ ସରପଞ୍ଚ ସର୍ବେଶ୍ୱର ସ୍ୱାଇଁ, ଯୁବ ସଂଗଠକ ସରୋଜ ପଣ୍ଡାଙ୍କ ସମେତ ସୁଜିତ ପଟ୍ଟନାୟକ, ଅମରେଶ ପଟ୍ଟନାୟକ, ଅଖିଳେଶ୍ୱର ପ୍ରଧାନ, କାହ୍ନୁ ରାଉଳ, ସୁନୁବାଶ ପଟ୍ଟନାୟକ, ବାପୁ ଦାସ, ବସନ୍ତ ସାହୁ, ବିରଞ୍ଚି ବେହେରା, ସଂଜୟ ସାହୁ, ସତିକାନ୍ତ ସାହୁ, କୁନା ପଣ୍ଡା, ପଞ୍ଚାନନ ନାହାକ, ଜଗଦୀଶ ଦାଶ, ଅନନ୍ତ ବେହେରା, ମାନସ ପଣ୍ଡା, ରାକେଶ ସେଠୀ ପ୍ରମୁଖ ଯୋଗଦେଇ ଲୋକଙ୍କୁ ସଚେତନ କରାଇଥିଲେ। ସେହିଭଳି ଭାବେ ଖଣ୍ଡପଡ଼ା ବ୍ଲକ ରାଣୀଛେଲି ଓ ବନମାଳିପୁର ପଞ୍ଚାୟତରେ ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁଙ୍କ ନେତୃତ୍ୱରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆସନ୍ତା ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ଥର ପାଇଁ କ୍ଷମତାସୀନ କରିବାକୁ ଲୋକଙ୍କ ସହଯୋଗ କାମନା କରିଥିଲେ ଶ୍ରୀ ସାହୁ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଆମ୍ବ କମିଟି ଅଧ୍ୟକ୍ଷ ନାରାୟଣ ଆଚାର୍ଯ୍ୟ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନିରଞ୍ଜନ ବେହେରା, ଯୁବ ବିଜେଡି ସଭାପତି ମନୋରଞ୍ଜନ ବେହେରା, ବନମାଳିପୁର ସରପଞ୍ଚ ବାସନ୍ତୀ ବେହେରା, ସଂଗଠକ ହୃଷୀକେଶ ପରିଡା, ଲକ୍ଷ୍ମୀଧର ସାହୁ, ଗଙ୍ଗାଧର ପରିଡା, ଝରିଆ ବେହେରା, ଶ୍ରୀନିବାସ ଦଳେଇ, ରାଣୀଛେଲି ସରପଞ୍ଚ ଜିତେନ୍ଦ୍ର ସ୍ୱାଇଁ, ମର୍ଦ୍ଦରାଜପୁର ସମିତି ସଭ୍ୟ କୁବେର ଗୋଛି, ଶାଳଝରିଆ ସଭାପତି ଗିରିଶ କୁମାର ନାୟକ, ବୋଦସା ସରପଞ୍ଚ ପ୍ରତିନିଧି ହୃଷିକେଶ ରାଉତ, ସମିତି ସଭ୍ୟ ପ୍ରତିନିଧି ମାନସ ବସ୍ତି, ପୂର୍ବତନ ସମିତି ସଭ୍ୟ ଭାଗିରଥି ଖୁଣ୍ଟିଆ, ବେଣାଗାଡ଼ିଆ ପଞ୍ଚାୟତ ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସମିତି ସଭ୍ୟ ବିକ୍ରମ ଦଳେଇ, କୋସ୍କା ସରପଞ୍ଚ ପ୍ରତିନିଧି ମହେନ୍ଦ୍ର ଜେନା, ସିଂଘାପଡ଼ା ସରପଞ୍ଚ ସୁନୀଲ ପ୍ରଧାନ, ସଂଗଠକ ବିକ୍ରମ ବିଶ୍ୱାଳ, ଅନନ୍ତ ବେହେରା, ବଳଭଦ୍ର ପ୍ରସାଦ ସମିତି ପ୍ରତିନିଧି ବୁଲୁ ଦାସ, ପଞ୍ଚାୟତ ଯୁବ ବିଜେଡି ଲାଲା ବେହେରା, ବିଜୟ କୁମାର ସାହୁ, ମାନସ କୁମାର ନାୟକ, ସଂଗ୍ରାମ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପଞ୍ଚାୟତର ଯୁବ, ଛାତ୍ର, ମହିଳା ଓ କର୍ମୀଙ୍କ ଦ୍ୱାରା ଶଙ୍ଖ ଚିହ୍ନକୁ ପ୍ରତି ଘରେ ଘରେ ମରାଯାଇଥିଲା।

## ଓସେପା ପକ୍ଷରୁ ଧନ୍ଦାମୂଳକ ଶିକ୍ଷା କାର୍ଯ୍ୟକ୍ରମ

**ଖଣ୍ଡପଡ଼ା,୨୯।୨(ସମିସ):** ଖଣ୍ଡପଡ଼ା ସହରାଞ୍ଚଳ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଧନ୍ଦାମୂଳକ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଓସେପା ବିଭାଗ ପକ୍ଷରୁ ବିଦ୍ୟାଳୟର ୬ଷ୍ଠରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଧନ୍ଦାମୂଳକ ଶିକ୍ଷା କାର୍ଯ୍ୟକ୍ରମ ଦ୍ୱାରା ନିକଟରେ ଥିବା ବିଭିନ୍ନ ଶିଳ୍ପସଂସ୍ଥାନ ଓ ଘରୋଇ ଅନୁଷ୍ଠାନ ପରିଭ୍ରମଣ ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ଉଚ୍ଚଶିକ୍ଷା ସମୟରେ ଛାତ୍ରଛାତ୍ରୀମାନେ ଧନ୍ଦାମୂଳକ ଶିକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିପାରିବେ। ଯାହାଫଳରେ ଛାତ୍ରଛାତ୍ରୀମାନଙ୍କୁ ମାନସିକ ଚାପରୁ ମୁକ୍ତି ମିଳିପାରିବ ବୋଲି ସୂଚନା ମିଳିଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଲିପ୍ସା ନନ୍ଦଙ୍କ ସଂଯୋଜନାରେ ଆଜି ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଦୁଇଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ବନମାଳିପୁର ପଞ୍ଚାୟତ ଅଧୀନ ପଥୁରିଆ ଗ୍ରାମର ଉଦ୍ୟମୀ ଓ ସଫଳ ଚାଷୀଙ୍କୁ ଭେଟିବା ସହ ସେମାନଙ୍କ କୌଶଳ ବାବଦରେ ଜ୍ଞାନ ଆହରଣ କରିଥିଲେ। ସେହିଭଳି ଖଣ୍ଡପଡ଼ା ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ ବିଦ୍ୟାଳୟରେ ଯୋଗଦେଇ ସମାଜରେ ଘଟୁଥିବା ସାଇବର୍ ଅପରାଧକୁ କିଭଳି ରୋକା ଯାଇପାରିବ ସେ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

• ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ

## ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ଆନ୍ଦୋଳନ ସ୍ଥଗିତ

**ନୟାଗଡ଼,୨୯।୨(ସମିସ):** ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ୬୪ ଜଣ କର୍ମଚାରୀ ଗତ ୨୨ ତାରିଖରୁ ବିଭିନ୍ନ ଦାବି ନିମନ୍ତେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରି ରଖିଥିଲେ। ଏହି ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଉଦ୍ୟମରେ କର୍ମଚାରୀମାନେ ସେମାନଙ୍କର ଦାବି ସହିତ ଆନ୍ଦୋଳନକୁ ପ୍ରତ୍ୟାହୃତ କରିଛନ୍ତି। ପରିଚାଳନା କମିଟି ସଭ୍ୟଙ୍କ ଦ୍ୱାରା ଏକ ବୈଠକ ଅନୁଷ୍ଠିତ କରାଯାଇ ଗତ ୨୦୨୩ ମସିହା ଜୁଲାଇ ମାସରୁ ସେମାନଙ୍କର ବର୍ଦ୍ଧିତ ଦରମା ଲାଗୁ ହେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିସହିତ ବାର୍ଷିକ ସାମୂହିକ ବେତନ ଲାଗୁ କରାଯିବ ବୋଲି ସୂଚନା ମିଳିଛି। ୮ ଦିନ ଧରି ବସିଥିବା ଆନ୍ଦୋଳନର ସମସ୍ତ ଦରମା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଛି। ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକଙ୍କ କାର୍ଯ୍ୟାଳୟରେ ଆଜି ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ପରିଚାଳନା କମିଟିର ସଭ୍ୟ ପ୍ରମୋଦ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ପରିଚାଳନା କମିଟିର ସଭ୍ୟ ଏମ୍. ଆଉରଙ୍ଗଜେବ, ରାଜେନ୍ଦ୍ର କୁମାର ସାମନ୍ତରାୟ, ସୌଦାମିନୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ପକ୍ଷରୁ ସୂର୍ଯ୍ୟମଣି ପ୍ରଧାନ, ପ୍ରଶାନ୍ତ କୁମାର ପରିଡ଼ା, ସ୍ମିତା ସ୍ୱାଇଁ, ବୈଶାଳୀ ନନ୍ଦ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଆଲୋଚନା ସଫଳ ହୋଇଥିବାରୁ ଆନ୍ଦୋଳନକୁ ପ୍ରତ୍ୟାହୃତ କରାଯାଇଛି ବୋଲି ସୂଚନା ମିଳିଛି।

• ପୁଲିସ ଓ ଅବକାରୀ ବିଭାଗ ନିରବଦ୍ରଷ୍ଟା

# ପୁଣି ମାତିଲେଣି ବ୍ରାଉନ୍‌ସୁଗର ମାଫିଆ

ନୟାଗଡ଼,୨୯।୨(ସମିସ)

ନୟାଗଡ଼ ଜିଲ୍ଲା ଦେଇ ପ୍ରତ୍ୟହ ଗଞ୍ଜେଇ ଚାଲାଣ ହେଉଥିବା ବେଳେ କିଛିଦିନର ବ୍ୟବଧାନ ପରେ ଜିଲ୍ଲାରେ ବ୍ରାଉନ୍‌ସୁଗର ମାଫିଆମାନେ ସକ୍ରିୟ ହେଲେଣି। ଚଳିତ ସପ୍ତାହରେ ଫତେଗଡ଼ ଥାନା ପୁଲିସ ୨୦ ଗ୍ରାମ ବ୍ରାଉନସୁଗର ଜବତ କରିଥିବା ବେଳେ ଗତ ସପ୍ତାହରେ ଅବକାରୀ ବିଭାଗ ନୟାଗଡ଼ ତ୍ରିନାଥ ଛକଠାରୁ ୧୮ ଗ୍ରାମ ବ୍ରାଉନସୁଗର ଜବତ କରିଥିଲା। ନୟାଗଡ଼ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଏବେ ପୁଣି ବ୍ରାଉନସୁଗର କାରବାର ବୃଦ୍ଧି ପାଇଥିବା ବେଳେ ପୁଲିସ ଓ ଅବକାରୀ ବିଭାଗ ଶୀଥିଳ ପଡ଼ିଥିବା ଆଲୋଚନା ହେଉଛି। ବ୍ରାଉନସୁଗର ଭଳି ମାରାତ୍ମକ ନିଶା ଯୁବପିଢ଼ିଙ୍କୁ ପଥଭ୍ରଷ୍ଟ କରୁଥିବା ଦେଖାଯାଇଛି। କନ୍ଧମାଳ ଜିଲ୍ଲା ଓ ବୌଦ୍ଧ ଜିଲ୍ଲାରୁ କଲିକତା, ବାଲେଶ୍ୱର, କଟକ ଓ ଭୁବନେଶ୍ୱରକୁ ପ୍ରତ୍ୟହ ଟନ ଟନ ଗଞ୍ଜେଇ ଚାଲାଣ ହେଉଛି। ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜପଥ ଦେଇ ନୟାଗଡ଼ ଜିଲ୍ଲା ଓ ଖୋର୍ଦ୍ଧ ଜିଲ୍ଲାର ୯ ଥାନା ପାର୍ଶ୍ୱ ଦେଇ ଗଞ୍ଜେଇ ଚାଲାଣ କରାଯାଉଛି। ଏହି ଥାନା ଗୁଡ଼ିକ ମଧ୍ୟରେ ନୟାଗଡ଼ ଜିଲ୍ଲାର ବାଣିଗୋଛା, ଦଶପଲ୍ଲା, ନୂଆଗାଁ, ନୟାଗଡ଼ ସଦର, ନୟାଗଡ଼ ଟାଉନ, ଇଟାମାଟି ଥାନା ରହିଥିବା ବେଳେ ଖୋର୍ଦ୍ଧା ଜିଲ୍ଲାର ବୋଲଗଡ଼, ବେଗୁନିଆ ଓ ବାଘମାରୀ ଥାନା ରହିଛି। ପ୍ରତ୍ୟେହ ଏହି ରାସ୍ତା ଦେଇ ହଜାର ହଜାର ଗାଡ଼ି ଚଳାଚଳ କରୁଥିବା ବେଳେ ପ୍ରତ୍ୟେହ ୫୦ରୁ ଉର୍ଦ୍ଧ୍ୱ ଗାଡ଼ିରେ ଗଞ୍ଜେଇ ଚାଲାଣ କରାଯାଉଛି। ବିଗତ ଦିନରେ କେନ୍ଦ୍ରୀୟ ଅବକାରୀ ଗୁଇନ୍ଦା ସଂସ୍ଥା ନୟାଗଡ଼ରୁ ଏକ ଟ୍ରକରେ ଯାଉଥିବା କ୍ୱିଣ୍ଟାଲ କ୍ୱିଣ୍ଟାଲ ଗଞ୍ଜେଇ ଧରିଥିବା ବେଳେ ପୁଲିସ ଓ ଅବକାରୀ ବିଭାଗ କେଜି ଓଜନରେ ଗଞ୍ଜେଇ ଧରି ମାମଲା ରୁଜୁ କରୁଛନ୍ତି। ତାହା ପୁଣି ଟାର୍ଗେଟ ସମୟରେ କେବଳ ଧରପଗଡ଼ ବୋଲି ଜଣାଯାଇଛି। ଗଞ୍ଜେଇ ଧରା ଯାଉଥିବା ଅନେକ ଘଟଣାରେ ଜାଣିଶୁଣି ମାମଲା ରୁଜୁ କରାଯାଉନାହିଁ। ନୟାଗଡ଼ରେ ସିଦ୍ଧାର୍ଥ କାଟରିଆ ଏସ୍‌ପି ଥିବା ସମୟରେ ଯେତିକି ଧରପଗଡ଼ ହେଉଥିଲା, ତାହା ଏବେ ଧିମା ପଡ଼ି ଯାଇଛି। ବିଗତ ଦିନର ତଥ୍ୟକୁ ଲକ୍ଷ କଲେ ନୟାଗଡ଼ ଜିଲ୍ଲାରେ ବର୍ଷେ ହେବ ଗଞ୍ଜେଇ ଜବତ ମାମଲା ସଂଖ୍ୟା ନଗନ୍ୟ ବୋଲି ଆଲୋଚନା ହେଉଛି। ନୟାଗଡ଼ ଜିଲ୍ଲାର ବାଣିଗୋଛା ଓ ଦଶପଲ୍ଲା ମୁଖ୍ୟସ୍ଥାନ ହୋଇଥିବା ବେଳେ ଗଞ୍ଜେଇ ଚାଲାଣ ରୋକିବା କ୍ଷେତ୍ରରେ ଆଦୌ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସରକାର ଗଞ୍ଜେଇକୁ ବ୍ୟାନ କରିଥିବା ବେଳେ କନ୍ଧମାଳ ଓ ବୌଦ୍ଧ ଜିଲ୍ଲାରୁ ଅହରହ ଗଞ୍ଜେଇ ଚାଲାଣ ଅବକାରୀ ଓ ପୁଲିସ ବିଭାଗ ପ୍ରତି ଅଟ୍ଟହାସ୍ୟ ସୃଷ୍ଟି କରିଛି। ନୟାଗଡ଼ ଜିଲ୍ଲାର ଗଣିଆ ବ୍ଲକ ବଡ଼ଶିଳିଙ୍ଗା, ଦଶପଲ୍ଲା ବ୍ଲକ ଚଢ଼େୟେପଲ୍ଲୀ, କଳସାଖମଣ ଅଞ୍ଚଳରେ ଥିବା ଜଙ୍ଗଲ ମଧ୍ୟରେ ଗଞ୍ଜେଇ ଚାଷ ହେଉଛି। ବିଗତ ଦିନରେ ଓଡ଼ଗାଁ ବ୍ଲକର ଅପହଞ୍ଚ ଇଲାକାରେ ମଧ୍ୟ ଗଞ୍ଜେଇ ଚାଷ କରାଯାଇଥିବା ତଥ୍ୟ ରହିଛି। ଏସବୁ ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିବା ବେଳେ ବେଆଇନ ଗଞ୍ଜେଇ କାରବାର ରୋକିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଉନାହିଁ। ନୟାଗଡ଼ ଜିଲ୍ଲାରେ ପୁଲିସ ବିଭାଗ ନିଶା କାରବାର ରୋକିବା କ୍ଷେତ୍ରରେ ଅବଚେତନ ଅବସ୍ଥାକୁ ଚାଲି ଯାଇଥିବା ଅଭିଯୋଗ ହେଉଛି।

# ୨ରେ କୁସୁମୀ ବ୍ୟାରେଜ୍ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ନୟାଗଡ଼,୨୯।୨(ସମିସ)

## ପାଇପ୍‌ଲାଇନ୍ କେନାଲ ନିର୍ମାଣ ପାଇଁ ହେବ ଶିଳାନ୍ୟାସ



କୃଷି ଓ କୃଷକର ଉନ୍ନତିକରଣ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଦାସର୍ବଦା ଚେଷ୍ଟିତ ଅଛନ୍ତି। ଚାଷୀମାନେ କିପରି ଉପକୃତ ହେବେ ସେଥି ନିମନ୍ତେ ବିଭିନ୍ନ ଜଳସେଚନ ପ୍ରକଳ୍ପ ପରିକଳ୍ପନା କରାଯାଇଛି। ନୟାଗଡ଼ ନିର୍ବାଚନ ମଣ୍ଡଳୀର ସୁନାଲଟିଠାରେ କୁସୁମି ଜଳସେଚନ ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଛି। ଏହି ପ୍ରକଳ୍ପ ଦ୍ୱାରା ୩ ଗୋଟି ବ୍ଲକର ଚାଷୀମାନେ ଉପକୃତ ହେବେ। ୩ ବ୍ଲକର ଚାଷ ଜମିକୁ ଏହି ପ୍ରକଳ୍ପ ଯୋଗାଇବ ପାଣି। ଚାଷୀମାନେ ଏହି ପ୍ରକଳ୍ପ ଦ୍ୱାରା ଅନେକ ଲାଭବାନ ହେବେ। ଏଥି ନିମନ୍ତେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଚାଷୀ ଓ ମହିଳାଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଛନ୍ତି। ଆସନ୍ତା ୨ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୁସୁମୀ ବ୍ୟାରେଜ ଉଦ୍‌ଘାଟନ କରିବା ସହିତ ପାଇପ୍ ଲାଇନ କେନାଲ କାର୍ଯ୍ୟର ଶିଳାନ୍ୟାସ କରିବେ ବୋଲି ସୂଚନା ମିଳିଛି। ନୟାଗଡ଼ ବ୍ଲକ ଅନ୍ତର୍ଗତ ବଡ଼ପଣ୍ଡୁସର ପଞ୍ଚାୟତ ସୁନାଲଟି ଗ୍ରାମଠାରେ ଦୁଆଣ୍ଟ ଏବଂ କୁସୁମୀ ନଦୀର ମିଳନ ସ୍ଥଳରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଛି। ତିନୋଟି ବ୍ଲକର ୩ ହଜାର ୭୪୫ ହେକ୍ଟର ଚାଷ ଜମି ଜଳସେଚିତ ହୋଇପାରିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ପ୍ରକଳ୍ପ ପାଇଁ ୩୨୫ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସେଥିମଧ୍ୟରୁ ୭୦ କୋଟି ଟଙ୍କା ବ୍ୟୟରେ ବ୍ୟାରେଜ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ୧୪୮ କୋଟି ଟଙ୍କାରେ ୟୁଜିପିଏଲ୍ ତଥା ଭୂମିତଳେ ପାଇପ୍ ଜଳ ଯୋଗାଣ ବ୍ୟବସ୍ଥାରେ ଜଳସେଚନ ପାଇଁ କାର୍ଯ୍ୟ ଆରମ୍ଭ ହେବ। ଫଳରେ ଚାଷୀ ଦୋଫସଲି ଅମଳ କରିପାରିବ ବୋଲି ସମ୍ଭାବନା ସୃଷ୍ଟି ହୋଇଛି। ଏହି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ବାବଦରେ ୧୪ କୋଟି ଟଙ୍କା ବ୍ୟୟ କରାଯାଇଥିବା ବେଳେ ସ୍ଥାନୀୟ ଗ୍ରାମବାସୀଙ୍କ ଯାତାୟାତ ପାଇଁ ଦୁଇଟି ବ୍ରିଜ ନିର୍ମାଣ କରାଯିବାର ଯୋଜନା ରହିଛି। ଏହା ସହିତ ନିକଟରେ ଏକ କାର୍ଯ୍ୟାଳୟ ଗୃହ, ସୌନ୍ଦର୍ଯ୍ୟକରଣ ଏବଂ ଅନ୍ୟାନ୍ୟ କାର୍ଯ୍ୟ ବାବଦରେ ବଳକା ଅର୍ଥ ବ୍ୟୟ କରାଯିବାକୁ ଯୋଜନା ରହିଛି। ମୋଟ ୧୪ କିମି ବଡ଼ ପାଇପ୍ ବ୍ୟବସ୍ଥା ଏବଂ ୪୭୦ କିମି ଛୋଟ ପାଇପ୍ ଦ୍ୱାରା ଜଳସେଚନ ବ୍ୟବସ୍ଥା କରାଯିବାକୁ ଜଳସେଚନ ବିଭାଗ ଯୋଜନା ପ୍ରସ୍ତୁତ କରିଛି। କୁସମୀ ପ୍ରକଳ୍ପ ଦ୍ୱାରା ନୟାଗଡ଼ ବ୍ଲକର ସୁନାଲଟି, କୃଷ୍ଣପ୍ରସାଦ, ନୂଆଗାଁ, ବିରୁଡ଼ା, ସରପଡ଼ା, ରାମଚନ୍ଦ୍ରପୁର, ହରେକୃଷ୍ଣପୁର, ପୁରୁଷୋତ୍ତମପୁର, ମୃତ୍ୟୁଞ୍ଜୟପୁର, ଗୋଡ଼ିପାଟଣା, ଜହ୍ନିପଦା, ବିଜିପୁର, ବାଉଁଶଗାଡ଼ିଆ, ବଡ଼ପଣ୍ଡୁସର, ତୁଳସୀପୁର ସମେତ ଖଣ୍ଡପଡ଼ା ଓ ଭାପୁର ବ୍ଲକର ମୋଟ ୫୦ରୁ ଉର୍ଦ୍ଧ୍ୱ ଗ୍ରାମର ଚାଷ ଜମି ଜଳସେଚିତ ହୋଇପାରିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏଥିରେ ନୟାଗଡ଼ ବ୍ଲକ ୨ ହଜାର ୬୮ ହେକ୍ଟର, ଖଣ୍ଡପଡ଼ା ବ୍ଲକର ୯୧୨ ହେକ୍ଟର, ଭାପୁର ବ୍ଲକର ୭୬୫ ହେକ୍ଟର ଜମି ଜଳସେଚିତ ହେବ। ମୋଟ ୩ ହଜାର ୭୪୫ ହେକ୍ଟର ଜମି ଜଳସେଚିତ ହୋଇପାରିବ।

# ଖୋର୍ଦ୍ଧାରେ ଶ୍ରୀମୟୀଙ୍କ ବିଶାଳ ବାଇକ୍ ଶୋଭାଯାତ୍ରା

## ଶୋଭାଯାତ୍ରାରେ ସାମିଲହେଲେ ୧୫୦୦ ବାଇକର୍

ଖୋର୍ଦ୍ଧା, ୨୯।୨(ସମିସ)



୨୦୨୪ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ପ୍ରମୁଖ ରାଜନୀତିକ ଦଳ ମଧ୍ୟରେ ଉଷ୍ମତା ବଢ଼ିବାରେ ଲାଗିଛି। ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ବିଜେଡ଼ିରୁ ଆଶାୟୀ ସାଂସଦ ପ୍ରାର୍ଥୀ ତଥା ନିର୍ମାଣ ଶ୍ରମିକ ବୋର୍ଡ଼ ଅଧକ୍ଷା ଶ୍ରୀମୟୀ ମିଶ୍ର ଖୋର୍ଦ୍ଧାରେ ଗୁରୁବାର ବିଶାଳ ବାଇକ୍ ଶୋଭାଯାତ୍ରା କରିଛନ୍ତି। ମୁକୁନ୍ଦପ୍ରସାଦ ମେଳଣ ପଡ଼ିଆ ଠାରୁ ଦଳୀୟ ସମର୍ଥକଙ୍କ ଗହଣରେ ବାଇକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଖୋର୍ଦ୍ଧା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଁଞ୍ôଚଥିଲେ। ଏଥିରେ ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ପର୍ଯ୍ୟବେକ୍ଷକ କୈଳାସ ପାତ୍ର (ବୁଟୁ), ସହ-ପ୍ରର୍ଯ୍ୟବେକ୍ଷକ ସୁଭ୍ରାଂସୁ ମିଶ୍ର, ଜିଲ୍ଲାପରିଷଦ ଅଧକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ପୌରାଧକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ବ୍ଲକ ଉପାଧକ୍ଷ ପ୍ରକାଶ ସାମନ୍ତରାୟ, ନଗର ସଭାପତି ମହମ୍ମଦ ଆରିଫଙ୍କ ସମେତ ବିଭିନ୍ନ ୱାର୍ଡ଼ର କାଉନସିଲର ଓ ପୂର୍ବତନ କାଉନସିଲରଙ୍କ ସମେତ ସମସ୍ତ ଦଳିୟ କର୍ମୀ, ନେତା ପ୍ରମୁଖ ସାମିଲ ଥିଲେ।

ଏହି ଅବସରରେ ଶ୍ରୀମତୀ ମିଶ୍ର କହିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ସମୃଦ୍ଧି ପଥରେ ଆଗେଇ ଚାଲିଛି। ଶିଳ୍ପର ଅଭିବୃଦ୍ଧି, କ୍ରୀଡ଼ାର ଭିତ୍ତି ଭୂମି ସହିତ ମହିଳା ସଶକ୍ତି କରଣ ଉପରେ ଗୁରୁତ୍ୱ ଦିଆଯାଉଛି ନୂଆ-ଓ କାର୍ଯ୍ୟକ୍ରମ, ଛାତ୍ରବୃତି କାର୍ଯ୍ୟକ୍ରମ ନବୀନ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ। ତେଣୁ ପୁଣି ଥରେ ନବୀନଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବା ଲାଗି ବିପୁଳ ଭୋଟରେ ଜୟଯୁକ୍ତ କରିବା ପାଇଁ ଲୋକଙ୍କୁ ନିବେଦନ କରିଥିଲେ।

ସେହିପରି ବିଧାୟକ ଶ୍ରୀ ମିତ୍ର ନବୀନ ସରକାରଙ୍କ ଦ୍ୱାରା ପୌରାଞ୍ଚଳରେ ହୋଇଥିବା ବିକାଶ ସମ୍ପର୍କରେ କହିଥିଲେ। ମମତା ଯୋଜନାରେ ୨ହଜାରରୁ ଉର୍ଦ୍ଧ୍ୱ ଗର୍ଭବତୀ ମହିଳାଙ୍କୁ ସହାୟତା ପ୍ରଦାନ କରାଯାଇଛି। ମୁକ୍ତା ଯୋଜନାରେ ପୌରାଞ୍ଚଳ ରେ ୩୫୪ଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିବା କହିଥିଲେ।

ତେବେ ପ୍ରାୟ ଶହେରୁ ଉର୍ଦ୍ଧ୍ୱ ମହିଳା ନିଜ ସ୍କୁଟିରେ ଶୋଭାଯାତ୍ରାରେ ସାମିଲ ହୋଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ ପାଲିଟିଛନ୍ତି।ଏହି ଶୋଭାଯାତ୍ରାରେ ପୌରାଞ୍ଚଳର ୨୨ଗୋଟି ୱାର୍ଡ଼ରୁ ୧୫୦୦ରୁ ଉର୍ଦ୍ଧ୍ୱ ଛାତ୍ର ଯୁବକ ସାମିଲ ହୋଇଥିଲେ। ୭ନମ୍ବର ୱାର୍ଡ଼ର କାଉନସିଲର ଅଜିତ ମହାପାତ୍ରଙ୍କ ନେତୃତ୍ୱରେ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ହୁଳହୁଳି ଶଙ୍ଖ ଧ୍ୱନିରେ ଓ ନବୀନ ପଟ୍ଟନାୟକ ଜିନ୍ଦାବାଦ୍ ନାରାରେ ଖୋର୍ଦ୍ଧା ସହର କମ୍ପି ଉଠିଥିଲା।

● ବାଣପୁରରୁ ବନ୍ଧୁକ ମୁନରେ ଲୁଟ୍

## କାରିଗରଙ୍କ ଘରେ ପଶି ଅଳଙ୍କାର ଓ ଟଙ୍କା ଲୁଟିନେଲେ



**ବାଣପୁର, ୨୯ ।୨(ସମିସ):** ବାଣପୁର ଥାନା ଅଞ୍ଚଳରେ ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇ ପୁଲିସକୁ ଖୋଲା ଚାଲେଞ୍ଜ୍ ଦେଇ ଗୋଟିଏ ମାସ ମଧ୍ୟରେ ପାଞ୍ଚ ପାଞ୍ଚୋଟି ଲୁଟ୍ ଓ ଡକାୟତି ଭଳି ଘଟଣାମାନ ଘଟାଇ ଚାଲିଥିବା ବେଳେ ଏହାକୁ ରୋକିବା ତଥା ଲୁଟେରାଙ୍କୁ ଧରିବାରେ ବାଣପୁର ପୋଲିସ ବିଫଳ ହୋଇଛି। ପୁଣି ଥରେ ବିଳମ୍ବିତ ରାତ୍ରିରେ ବାଣପୁର ଥାନାର ଅନତି ଦୂର ବଜାର ଅଞ୍ଚଳରେ ମୁହଁରେ ମୁଖା ପିନ୍ଧି କିଛି ଦୁର୍ବୃତ୍ତ ଜଣେ ସୁନା ଅଳଙ୍କାର କାରିଗରଙ୍କ ଘରେ ପଶି ବନ୍ଧୁକ ମୁନରେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା ଲୁଟ୍ କରି ଦୁର୍ବୃତ୍ତ ମାନେ ଫେରାର ହୋଇ ଯାଇ ଥିବା ନେଇ ବାଣପୁର ଥାନାରେ ଅଭିଯୋଗ ହୋଇଛି। ବାଣପୁର ଥାନା ଅନତି ଦୂର ବଜାର ଅଞ୍ଚଳରେ ପାଣି ସାହି ନିବାସୀ ସୁନା ଦୋକାନ ଅଳଙ୍କାର କାରିଗର ଦିଲ୍ଲୀପ କୁମାର ପାଲ (୬୪) ରାତି ୧୦ ଘଣ୍ଟିକା ସମୟରେ ଦୋକାନ ବନ୍ଦ କରି ଗ୍ରାହକଙ୍କ ଠାରୁ ମରାମତି କରିବାକୁ ରଖିଥିବା ପ୍ରାୟ ୧୦୦ ଗ୍ରାମ ସୁନା ଓ ନଗଦ ୬୦ହଜାର ଟଙ୍କା ନେଇ ଏକ ବ୍ୟାଗରେ ଧରି ନେଇ ସାହି ସ୍ଥିତ ଘରକୁ ଫେରି ଥିଲେ। ଦିଲ୍ଲୀପ ଘର ଭିତରକୁ ପ୍ରବେଶ କରିବା ମାତ୍ରେ ହଠାତ ଘରେ ଭିତରେ ପୂର୍ବରୁ ଲୁଚି ରହିଥିବା ଦୁଇ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ଦିଲ୍ଲୀପଙ୍କୁ ବନ୍ଧୁକ ଓ ଖଣ୍ଡା ଦେଖାଇ ଭୟଭୀତ କରାଇ ଉକ୍ତ ଅଳଙ୍କାର ଓ ଟଙ୍କା ଥିବା ବ୍ୟାଗ ସହ ଦିଲ୍ଲୀପଙ୍କ ସ୍ତ୍ରୀଙ୍କ ଅଳଙ୍କାର ଲୁଟି ନେଇ ଦୁର୍ବୃତ୍ତ ଉଭୟ ଦିଲ୍ଲୀପ ଓ ତାଙ୍କ ସ୍ତ୍ରୀ କୁ ଘର ଭିତରେ ବନ୍ଦ କରି ବାରିପଟ ପାଚେରୀ ଡେଇଁ ସେଠାରୁ ଫେରାର ହୋଇ ଯାଇଥିଲେ। ଏନେଇ ଦିଲ୍ଲୀପ ବାଣପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଭୂଷଣ୍ଡପୁରରେ 'ଆମ ବ୍ୟାଙ୍କ' ଉଦ୍‌ଘାଟିତ

**ଭୂଷଣ୍ଡପୁର, ୨୯ ।୨ (ସମିସ):**ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ସାରା ରାଜ୍ୟରେ ୪ ହଜାର ୩ ଶହ ପଞ୍ଚାୟତରେ ପନ୍ଦରଟି ଜାତୀୟ କରଣ ବ୍ୟାଙ୍କର ସିଏସପି ପ୍ଲସ ବ୍ୟାଙ୍କ ଶାଖାର ଉଦ୍‌ଘାଟନ କରିଛନ୍ତି। ଏହିକ୍ରମରେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକର ଭୂଷଣ୍ଡପୁର ପଞ୍ଚାୟତରେ ଗୁରୁବାର ଆମ ବ୍ୟାଙ୍କ ଯୋଜନାରେ ସିଏସପି ପ୍ଲସର ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଶାଖାକୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିଡିଓ କନଫରେନ୍ସ ମାଧ୍ୟମରେ ଉଦ୍‌ଘାଟିତ ହୋଇଛି। ଏହି ଉପଲକ୍ଷେ ଭୂଷଣ୍ଡପୁର ପଞ୍ଚାୟତର ସରପଞ୍ଚ ସୌରଭ କୁମାର ଦାସ ମହାପାତ୍ର ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ବରିଷ୍ଠ ଆଇନଜୀବୀ ଅନିଲ ପଟ୍ଟନାୟକ, ସମାଜସେବୀ ତ୍ରିନାଥ ସେଠି ଏବଂ ପଞ୍ଚାୟତ ପିଇ ଓ ଅମୁଲ୍ୟ ଭୋଇଙ୍କ ସମେତ ସିଏସପି ପ୍ଲସର ପରିଚାଳକ ଶିବ ପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇ ଥିଲେ।

## ଭତ୍ତା ବଣ୍ଟନ ଓ 'ଆମ ବ୍ୟାଙ୍କ' ଲୋକାର୍ପଣ

**ଖୋର୍ଦ୍ଧା, ୨୯ ।୨(ସମିସ):** ଖୋର୍ଦ୍ଧା ଜିଲ୍ଲା ଅର୍ଜୁନପୁର ପଞ୍ଚାୟତର ୬୪ ଜଣ ମଧୁବାବୁ ଭତ୍ତା ହିତାଧିକାରୀଙ୍କୁ ଗୁରୁବାର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଭତ୍ତା ପ୍ରଦାନ କରାଯାଇଛି। ସେହିପରି ପଞ୍ଚାୟତରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆମ ବ୍ୟାଙ୍କ ଲୋକାର୍ପଣ ହୋଇଛି। କାର୍ଯ୍ୟକ୍ରମରେ ଅର୍ଜୁନପୁର ସରପଞ୍ଚ ସୂର୍ଯ୍ୟ ପ୍ରସାଦ ମହାନ୍ତିଙ୍କ ଆୟୋଜନରେ ବ୍ଲକ ଅଧକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବାଦଲ ମହାନ୍ତି, ଖୋର୍ଦ୍ଧା ବ୍ଲକ ସହକାରୀ ଯନ୍ତ୍ରୀ ମାନସ ନାୟକ, ସୁନାକର ଜେନା, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଭୁ ପ୍ରସାଦ ସୁବୁଦ୍ଧି, ପୂର୍ବତନ ସରପଞ୍ଚ ଯାକୁବ ଖାଁ, ଖୋର୍ଦ୍ଧା ପଞ୍ଜାବ ବ୍ୟାଙ୍କ ପରିଚାଳକ ବିଦ୍ୟୁତପ୍ରଭା ମଲ୍ଲିକ, ବରିଷ୍ଠ ସମାଜସେବୀ ଜଗନ୍ନାଥ ମହାପାତ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସନ୍ଦୀପ କୁମାର ପାଣିଗ୍ରାହୀ ଯୋଗ ଦେଇ ନୂତନ ଭତ୍ତା ବଣ୍ଟନ କରିବା ସହିତ ଆମ ବ୍ୟାଙ୍କକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ ଓ ସରପଞ୍ଚ ସୂର୍ଯ୍ୟ ପ୍ରସାଦ ମହାନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏଭଳି କାର୍ଯ୍ୟକ୍ରମକୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ୬୪ ଜଣଙ୍କୁ ଭତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତ ଯୋଗାଣ ଅଧିକାରୀ ଆଶୁତୋଷ ମହାନ୍ତି ପରିଚାଳନା କରିଥିବା ବେଳେ ସମାଜସେବୀ ମୀନକେତନ ମହାନ୍ତି, ଏସଇଏମ ପଦ୍ମଚରଣ ଲେଙ୍କା, ସମାଜସେବୀ ମେହେମୁଦ ଖାଁ, ମହିଳା ମହାସଂଘ ସଭାନେତ୍ରୀ ରୋଜିତା ବେଗମ, ସମ୍ପାଦକ କଲ୍ୟାଣୀ ନାୟକ, ଏମବିକେ ବିଜୟିନି ବଡ଼ଜେନା, ସମସ୍ତ ସିଆରପି ପ୍ରମୁଖଙ୍କ ସହିତ ସମସ୍ତ ଲୋକ ପ୍ରତିନିଧି ୱାର୍ଡ ସଭ୍ୟ ଓ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ଯୋଗାଣ ସହାୟକ ଆଶୁତୋଷ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

● ସ୍ଥାୟୀ ନିଯୁକ୍ତି ଦାବି

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ୫ପଞ୍ଚାୟତବାସୀ

**ଖୋର୍ଦ୍ଧା, ୨୯।୨(ସମିସ):** ଖୋର୍ଦ୍ଧା ବ୍ଲକ ଜଙ୍କିଆ ନିକଟ ମୁଣ୍ଡାମ୍ବ, କାଳୀବତୀ ମୌଜାରେ ଗଢି ଉଠିଥିବା ଶିଳ୍ପ ଅନୁଷ୍ଠାନରେ ସ୍ଥାନୀୟ ଅଞ୍ଚଳର ବେକାର ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ନାହିଁ। ବୁଧବାର ଆଞ୍ଚଳିକ ଶିଳ୍ପାଞ୍ଚଳ ନିଯୁକ୍ତି ବିକାଶ ସଂଘ ଆନୁକୂଲ୍ୟରେ ୫ପଞ୍ଚାୟତ ପ୍ରତିନିଧି, ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ସହ କାର୍ଯ୍ୟାଳୟ ଘେରାଉ କରିଥିଲେ। ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ନୂତନ ଭାବେ ଗଢି ଉଠିଥିବା ଶିଳ୍ପାଞ୍ଚଳରେ ନିଯୁକ୍ତି ଦାବିରେ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କୁ ଦାବିପତ୍ର ଦେଇଛନ୍ତି। ଉଲ୍ଲେଖ ରହିଛି ଯେ, ମୁଣ୍ଡାଆମ୍ବ, କାଳିବତୀ, ଖଜୁରିଆ ଓ କାୟାମୌଜାରେ ଇଡକୋ ଦ୍ୱାରା ଗଢି ଉଠିଥିବା ଶିଳ୍ପକୁ ସ୍ୱାଗତ କରୁଛୁ। ଶିଳ୍ପର ବିକାଶରେ ଏହା ମାଇଲଖୁଣ୍ଟ ହେବ। ତେବେ ଏହି ସବୁ ସରକାରୀ ମୌଜାରେ ଏହି ଅଞ୍ଚଳରେ ଜନସାଧାରଣ ନିର୍ଭର କରି ନିଜ ଜୀବନ ଜୀବିକା ନିର୍ବାହ କରୁଥିବା ଏବେ ରୋଜଗାର ହରାଇଛନ୍ତି। ଶିଳ୍ପ ଅନୁଷ୍ଠାନ ନିର୍ମାଣ ଚାଲିଥିବା ବେଳେ ସ୍ଥାନୀୟ ଶିକ୍ଷିତ ଯୁବତୀ, ଯୁବକଙ୍କୁ ସ୍ୱାବଲମ୍ବୀ ଉଦ୍ଦେଶ୍ୟରେ ଅନୁରୋଧ କରାଯାଇଥିଲା।ତେବେ ପ୍ରତିଶ୍ରୁତି ଦେଇ ଏହି ଅଞ୍ଚଳର ଯୁବତୀ ଯୁବକଙ୍କୁ ରୋଜଗାର ଦେବା ପରିବର୍ତ୍ତେ ବାହାର ରାଜ୍ୟର ଯୁବକଙ୍କୁ ଶିଳ୍ପାଞ୍ଚଳରେ ନିଯୁକ୍ତି ଦିଆଯାଇଛି। ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାନଗଲେ, ଆଗାମୀ ଦିନରେ ଜନ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଛଣଗିରି ସରପଞ୍ଚ ପୂର୍ଣ୍ଣିମା ମହାପାତ୍ର, ଜଙ୍କିଆ ସରପଞ୍ଚ ପଙ୍କଜିନି ବଳବନ୍ତରାୟ, ସମିତି ସଭ୍ୟ ଇଶ୍ୱରଚନ୍ଦ୍ର ମାର୍ଥା, ଓଲସିଂ ସରପଞ୍ଚ ଶୁଭଦର୍ଶିନୀ ଭୋଲ, ସମିତି ସଭ୍ୟ ନେତ୍ରାନନ୍ଦ ପ୍ରଧାନ, ଗୋଡିପଡ଼ା ସରପଞ୍ଚ ଶାନ୍ତନୁ କୁମାର ରଣସିଂ, ସମିତି ସଭ୍ୟ ପ୍ରମିଳା ପାଇକରାୟ, ଗୋଲବାଇ ସମିତିସଭ୍ୟ ଗୌତମ ପ୍ରଧାନ, ସରପଞ୍ଚ ମଧୁସ୍ମିତା ପୋଲାଇଙ୍କ ସମେତ କଂଗ୍ରେସ ନେତା ବିଶ୍ୱଭୂଷଣ ଛୋଟରାୟ, ସୁଶାନ୍ତ ଶ୍ରୀଚନ୍ଦନ, ରଞ୍ଜନ ଭୋଳ, ସାଗର ପାହାଳସିଂହ, କାଳୁ ସାମନ୍ତରାୟ, ରଞ୍ଜନ ପାଇକରାୟ, ବିକ୍ରାନ୍ତ ହରିଚନ୍ଦନ ଓ ଅନ୍ୟମାନେ ସାମିଲ ହୋଇଥିଲେ।

## ଗାଁ ମହୋତ୍ସବ ହରିକେଶର ଉଦ୍‌ଯାପିତ

**ବୋଲଗଡ଼, ୨୯ ।୨(ସମିସ):**ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ହରିକେଶର ଗ୍ରାମରେ ତିନି ଧରି ଚାଲିଥିବା ଗାଁ ମହୋତ୍ସବ ୨୦୨୪ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବରେ ଆୟୋଜକ କମିଟିର ସଭାପତି ପ୍ରକାଶ ଚନ୍ଦ୍ର ରାଉତରାୟ ପୌରୋହିତ୍ୟ କରିଥିବା ବେଳେ ଶିକ୍ଷକ ଶ୍ରୀକାନ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିବା ସହିତ ସଂଯୋଜନା କରିଥିଲେ।ମହୋତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷ ହୁଲାସ ପ୍ରଧାନ ଏବଂ ମୁଖ୍ୟବକ୍ତା ଭାବେ ବଡ଼କୁମାରୀ ସରପଞ୍ଚ ପ୍ରଫୁଲ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ବିଭୁତି ଭୁଷଣ ଦଳାଇ, ଅଖିଳେଶ ମହାପାତ୍ର ଓ ସାମ୍ବାଦିକ ନିରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କୃତୀ ପ୍ରତିଭା ଶିକ୍ଷକ ବିଭୁତି ଭୁଷଣ ଦଳାଇ, ବଂଶିଧର ସଙ୍ଗୀତ ମହାବିଦ୍ୟାଳୟର ଅଧକ୍ଷ ତଥା ନୃତ୍ୟ ଗୁରୁ ଅବିନାଶ ସୁବୁଦ୍ଧି, ଯୁବ ସମାଜସେବୀ ମୁନା ପଣ୍ଡା, ସମୀର ଭୂୟାଁ ଓ ଗ୍ରାମ୍ୟ ପୂଜକ ଜଗା ଭାଇନା କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଆୟୋଜକଙ୍କ ପକ୍ଷରୁ ଅଖିଳେଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସାଧାରଣ ସଭା ପରେ ବିଭିନ୍ନ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।ରାଜ୍ୟ ସରକାରଙ୍କ ଓଡିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ତରଫରୁ ବିଭିନ୍ନ ଜିଲ୍ଲାରୁ ଆସିଥିବା କଳାକାର ନୃତ୍ୟ ପରିବେଷଣ କରିଥିଲେ।

ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବି

## ବାଣପୁରରୁ ସଚିବାଳୟ ପଦଯାତ୍ରା; ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ




**ଖୋର୍ଦ୍ଧା/ବାଲୁଗାଁ, ୨୯।୨(ସମିସ) ;** ଖୋର୍ଦ୍ଧା ଜିଲ୍ଲା ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ପାଇଁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ସଚେତନ ନାଗରୀକ ଓ ବିଭିନ୍ନ ଅନୁଷ୍ଠାନ ତରଫରୁ ଲଗାତର ଦାବି ଓ ଆନ୍ଦୋଳନ ଜାରି ରହିଛି। ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବି ନେଇ ବିଗତ ବର୍ଷରେ ବହୁ ଅନୁଷ୍ଠାନ ବାଣପୁର-ବାଲୁଗାଁ-ଚିଲିକା କ୍ରିୟାନୁଷ୍ଠାନ କମିଟିରେ ସାମିଲ ହୋଇ ମହା ଶୋଭାଯାତ୍ରା, ସାମ୍ବାଦିକ ସମ୍ମିଳନୀ, ବାଲୁଗାଁ ବାଣପୁର ବନ୍ଦ, ହରତାଳ, ଗାଁ ମେଳି ଠାରୁ ପ୍ରଜାମେଳି ଓ ମହାମେଳି ଆଦି ଆୟୋଜନ ସହ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ ମଧ୍ୟ ଏଯାବତ କୌଣସି ସୁଫଳ ମିଳିନାହିଁ। ଏପରି ସ୍ଥଳେ ସରକାରଙ୍କ ନିକଟରେ ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବ ନେଇ ଏକ ଅଭିନବ ଉପାୟରେ ସ୍ଥାନୀୟ ସାନହନ୍ତୁଆଡ ଗ୍ରାମର ସମାଜସେବୀ ଶେଷଦେବ ବରାଳ ବୁଧବାର ସକାଳେ ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା ଭଗବତୀଙ୍କ ପୀଠରେ ପୂଜାର୍ଚ୍ଚନା ସରି ମା'ଙ୍କ ପୀଠରୁ ଭୁବନେଶ୍ୱର ସଚିବାଳୟ ଅଭିମୁଖେ ପଦଯାତ୍ରାରେ ବାହାରିଥିଲେ। ଏଥି ନିମନ୍ତେ ଶେଷଦେବ ଅଞ୍ଚଳବାସୀଙ୍କୁ ତାଙ୍କ ସହ ସାମିଲ ହୋଇ ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଆଣିବାରେ ଆହ୍ୱାନ ଦେଇଥିବା ବେଳେ ଏହି ପଦଯାତ୍ରାରେ ତାଙ୍କ ସହ ବହୁ ଯୁବକ ସାମିଲ ହୋଇଥିଲେ। ଶେଷଦେବ ମାଙ୍କ ପୀଠରୁ ବାହାରି ପ୍ରଥମେ ବାଣପୁର ତହସିଲ ଓ ବ୍ଲକ କାର୍ଯ୍ୟାଳୟରେ ପହଁଞ୍ôଚ ଦାବି ପତ୍ର ପ୍ରଦାନ କରିଥିବା ବେଳେ ପଦଯାତ୍ରାରେ ଯାଇ ଗୁରୁବାର ଖୋର୍ଦ୍ଧା ଜିଲ୍ଲାପଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଶେଷଦେବଙ୍କ ସହ ପଦଯାତ୍ରାରେ ସାମିଲଥିବା ଯୁବକମାନଙ୍କ ସମେତ ବାଣପୁର ବାଲୁଗାଁ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ୩ରୁ କଳିଙ୍ଗ କପ୍ କ୍ରିକେଟ

**ଖୋର୍ଦ୍ଧା, ୨୯।୨(ସମିସ):** ଖୋର୍ଦ୍ଧା ଉପକଣ୍ଠ ପାନବରଜ ଖେଳ ପଡ଼ିଆରେ ଆସନ୍ତା ୩ ରୁ ୧୦ ତାରିଖ ପର୍ଯ୍ୟନ୍ତ କଳିଙ୍ଗ କ୍ରିକେଟ କପ୍-୨୦୨୪ ଅନୁଷ୍ଠିତ ହେବାକୁ ଯାଉଛି।ଏଥିରେ ୮ଟି ଦଳ ଭାଗ ନେବେ। ୩ ତାରିଖ ଉଦ୍‌ଘାଟନୀ ମ୍ୟାଚ୍‌ରେ ଅଟ୍ରି ବନାମ ଭାଲିଆବାଡି, ୪ ତାରିଖରେ କାଇପଦର୍ ବନାମ କଳିଙ୍ଗ କ୍ରିକେଟ କ୍ଲବ୍ ଖୋର୍ଦ୍ଧା, ୫ ତାରିଖରେ କୁମାରବସ୍ତ ବନାମ ବେଲିଆପାଳ, ୬ ତାରିଖରେ ମଞ୍ଚେଶ୍ୱର୍ ବନାମ ବାଙ୍କୀ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।୭ ତାରିଖରେ ପ୍ରଥମ ସେମୀ ଫାଇନାଲ, ୯ ତାରିଖରେ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ହବ। ଆସନ୍ତା ୧୦ ତାରିଖରେ ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଯାଉଛି।କଳିଙ୍ଗ କ୍ରିକେଟ କ୍ଲବ୍ ଖୋର୍ଦ୍ଧା ଓ ବାଲୁଙ୍କେଶ୍ୱର କ୍ରିକେଟ କ୍ଲବ୍ ପାନବରଜଙ୍କ ମିଳିତ ସହଯୋଗରେ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବ ବୋଲି ଆୟୋଜକ ସଭାପତି ସୁନିଲ ରାଉତରାୟ, ସମ୍ପାଦକ ଧିରେନ୍ ତ୍ରିପାଠୀ, କୋଷାଧକ୍ଷ ଅମିତ୍ ବେହେରା, ଯୁଗ୍ମ ସମ୍ପାଦକ ରେଜେନ୍ଦ୍ର କୁମାର ବେହେରା ଜଣାଇଛନ୍ତି। କଳିଙ୍ଗ କ୍ରିକେଟ କପ୍‌ରେ ଚାମ୍ପିଅନ ଦଳକୁ ୩୫୦୦୦ ଟଙ୍କା ଓ ରନର୍ସ ଅପ୍ ଦଳକୁ ୨୫୦୦୦ ଟଙ୍କା ସହ ବହୁ ଆକର୍ଷଣୀୟ ପୁରସ୍କାର ରହିଛି ବୋଲି ସମ୍ପାଦକ ଧିରେନ ତ୍ରିପାଠୀ ପ୍ରେସ ଇସ୍ତାହାର ରେ ଜଣାଇଛନ୍ତି। ଟୁର୍ଣ୍ଣାମେଣ୍ଟରେ ଅବ୍ୟକ୍ତ ହରିହର ଖାଡଙ୍ଗା ମ୍ୟାଚ୍ ସଂଯୋଜକ ଭାବେ ନିଯୁକ୍ତ ହୋଇଛନ୍ତି।

## ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ କରି ରୋଡ୍ ରୋମିଓ ଗିରଫ

**ଜଟଣୀ, ୨୯ ।୨(ସମିସ):** ଏକ ତରଫା ପ୍ରେମକରି ଜଣେ ଛାତ୍ରୀଙ୍କୁ ଫେସବୁକରେ ଅଶ୍ଳିଳ ମେସେଜ ପଠାଇବା ସହିତ ରାସ୍ତାଘାଟରେ ଅଶ୍ଳିଳ ଇଙ୍ଗିତ କରିଥିବା ଅଭିଯୋଗରେ ଜଟଣୀ ପୁଲିସ ଜଣେ ରୋଡ ରୋମିଓକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଟଣୀ ଥାନା ଅନ୍ତର୍ଗତ ବେଲପଡ଼ା ହରିଜନ ସାହୀର ଶ୍ରବଣ କୁମାର ନାଏକ ବୋଲି ପୁଲିସ କହିଛି। ଅଭିଯୁକ୍ତ ଶ୍ରବଣ ଏବଂ ଛାତ୍ରୀ ଉଭୟେ ବେଲପଡ଼ା ଗ୍ରାମର ହୋଇଥିବା ବେଳେ ଶ୍ରବଣ ଉକ୍ତ ଛାତ୍ରୀଙ୍କୁ ଏକ ତରଫା ପ୍ରେମ କରୁଥିଲେ। ମାତ୍ର ଛାତ୍ରୀ ଜଣଙ୍କ ରାଜି ନହେବାରୁ ଶ୍ରବଣ ବିଭିନ୍ନ ସମୟରେ ଛାତ୍ରୀଙ୍କ ମୋବାଇଲକୁ ଅଶ୍ଳିଳ ମେସେଜ ପଠାଉଥିଲା ବେଳେ ଟିଉନ ଯିବା ରାସ୍ତାରେ ହଇରାଣ କରୁଥିଲା। ଏପରିକି ଯଦି ମୋ ସହିତ ସମ୍ପର୍କ ନରଖ ତା ହେଲେ ତୁମ ବଡ ଭଉଣୀଙ୍କ ଆପତିଜନକ ଫଟୋ ଓ ଭିଡିଓ ଭାଇରାଲ କରିଦେବ ବୋଲି ଛାତ୍ରୀଙ୍କୁ ଧମକ ଦେଉଥିଲା। ବୁଧବାର ରାତିରେ ଛାତ୍ରୀ ଜଣଙ୍କ ଟିଉସନରୁ ଘରକୁ ଫେରୁଥିବା ବେଳେ ରାସ୍ତାରେ ଅଟକାଇ ଦୁର୍ବ୍ୟବହାର କରିଥିଲା। ତେବେ ଏନେଇ ଛାତ୍ରୀ ଜଣଙ୍କ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଁଞ୍ଚି ଅଭିଯୁକ୍ତକୁ କାବୁ କରି ପୁଲିସ ଜିମାରେ ଦେଇଥିଲେ। ଏନେଇ ପୁଲିସ ଅଭିଯୁକ୍ତକୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିବା ଜଟଣୀଥାନା ଆଇଆଇସି ସୈାମ୍ୟକାନ୍ତ ବଳିୟାରସିଂହ କହିଛନ୍ତି।



## ଗର୍ଭ ନଷ୍ଟ ପାଇଁ ପ୍ରେମିକର ଔଷଧରେ ନାବାଳିକା ଗୁରୁତର

**ନିରାକାରପୁର, ୨୯ ।୨(ସମିସ):** ଖୋର୍ଦ୍ଧା ଜିଲ୍ଲା ମଧ୍ୟରୁ ଜଂକିଆ ଥାନା ମଳିପଡ଼ା ଗ୍ରାମର ଜଣେ ନାବାଳିକା ଛାତ୍ରୀ (୧୬) ଯୁକ୍ତ ଦୁଇରେ ପଢ଼ିବାକୁ ସିକୋ କଲେଜ ଆସୁଥିବା ବେଳେ ନିକଟରେ ପାଣି ଟାଙ୍କି କାର୍ଯ୍ୟରତ ହଜ ଗ୍ରାମର ବାପି ଦାଶ ପ୍ରେମରେ ପଡ଼ିଯାଇଥିଲା। ପରେ ସେମାନଙ୍କ ମଧ୍ୟରେ ବାରମ୍ବାର ଶାରୀରିକ ସମ୍ପର୍କ ସୃଷ୍ଟି ହୋଇଥିଲା। ଯୁବକ ଜଣକ ନାବାଳିକାକୁ ବିଭିନ୍ନ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିବା ପରେ ନାବାଳିକା ଅନ୍ତସ୍ୱତ୍ତା ହୋଇଯାଇଥିଲା। ଏକଥା ଜାଣି ବାପି ତାକୁ ଗର୍ଭ ନଷ୍ଟ କରିବା ପାଇଁ କିଛି ଔଷଧ ଦେଇଥିଲା। ପରେ ନାବାଳିକା ଅତ୍ୟଧିକ ରକ୍ତ ସ୍ରାବ ହେବାରୁ ସମସ୍ତ କଥା ଝିଅ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ତରଫରୁ ଝିଅକୁ ଚିକିତ୍ସା ପାଇଁ ଖୋର୍ଦ୍ଧା ହସ୍ପିଟାଲରେ ଭର୍ତ୍ତି କରାଯାଇ ଜଂକିଆ ଥାନାର ଅଭିଯୋଗ କରାଯାଇଥିଲା। ଏହାକୁ ଭିତ୍ତି କରି ଜଂକିଆ ଥାନା ଆଇଆଇସି ପ୍ରଜ୍ଞା ରିତମ୍ଭରା କର ବାପି କୁ ଅଟକ ରଖି ପଚରାଉଚରା କରିଲୁଥିବା ବେଳେ ଅଧିକ ତଥ୍ୟ ପାଇଁ ଅନୁସନ୍ଧାନ ଜାରୀ ରଖିଛନ୍ତି।

## କଣ୍ଟେନର ଧକ୍କାରେ ଜଣେ ମହିଳା ମୃତ

**ବାଲୁଗାଁ, ୨୯ ।୨(ସମିସ):** ବାଲୁଗାଁ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ସୁବୁଦ୍ଧିପାଟଣା ଛକ ନିକଟରେ ଏକ କଣ୍ଟେନର ସ୍କୁଟିକୁ ଧକ୍କା ଦେବା ଫଳରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ବଡ଼ଅଁଳା ଗ୍ରାମର ସଂଗ୍ରାମ କେଶରୀ ଜେନାଙ୍କ ମା' ଅମୁଲ ଜେନା। ସୂଚନା ମୁତାବକ ବଡ଼ଅଁଳା ଗ୍ରାମର ସଂଗ୍ରାମ ନିଜ ମାମୁଁଙ୍କ ଘରୁ ଭୋର ସମୟରୁ ନିଜ ମା' ଅମୁଲଙ୍କୁ ସାଙ୍ଗରେ ନେଇ ସ୍କୁଟି ଯୋଗେ ଗ୍ରାମକୁ ଫେରୁଥିଲେ। ୧୬ନଂ ଜାତୀୟ ରାଜପଥର ସୁବୁଦ୍ଧିପାଟଣା ଛକ ନିକଟରେ ଏକ କଣ୍ଟେନର ସଂଗ୍ରାମଙ୍କ ସ୍କୁଟିର ପଛ ପାର୍ଶ୍ୱକୁ ଶକ୍ତ ଧକ୍କା ଦେଇ ଥିଲା। ଫଳରେ ଅମୁଲ ଗାଡିରୁ ଛିଟିକି ପଡ଼ି ଗୁରୁତର ଆହତ ହୋଇ ଚେତାଶୂନ୍ୟ ଅବସ୍ଥାରେ ପଡ଼ି ଥିଲେ। ସ୍ଥାନୀୟ ଲୋକେ ଅମୁଲଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ଓଲଟିଲା ପିକ୍‌ଅପ ଭ୍ୟାନ୍; ଚାଳକ ଆହତ

**କାଲୁପଡ଼ାଘାଟ, ୨୯।୨(ସମିସ):** ଅତ୍ୟଧିକ କୁହୁଡି ହେତୁ ରାସ୍ତା ଦେଖା ନ ଯିବାରୁ ଭରସାମ୍ୟ ହରାଇ ଓଲଟିଲା ପଣଶ କଠା ବୋଝେଇ ପିକଅପପ୍। ଫଳରେ ଚାଳକ ଗୁରୁତର ଅବସ୍ଥାରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛି।ଦୁର୍ଘଟଣା ଘଟିଛି ୧୬ ନମ୍ବର ଜାତୀୟ ରାଜପଥର କୟଥପଲା ଛକ ନିକଟରେ। ବ୍ରହ୍ମପୁରରୁ ପଣଶ କଠା ବୋଝେଇ କରି ପିକଅପ ଭ୍ୟାନଟି ଭୁବନେଶ୍ୱର ଆସୁଥିବା ବେଳେ ରାସ୍ତାରେ କୁହୁଡି ହେବାରୁ ଚାଳକଙ୍କୁ ରାସ୍ତା ଦେଖା ଯାଇନଥିଲା। ଫଳରେ ଭାରସାମ୍ୟ ହରାଇ ପଣଶ କଠା ବୋଝେଇ ପିକଅପ୍ କୟଥ ପଲା ଛକରେ ଓଲଟି ପଡ଼ିଥିଲା। ଚାଳକ ଗୁରୁତର ହୋଇ ଗାଡିର କ୍ୟାବିନ ଭିତରେ ରହି ଯାଇଥିଲେ। ଖବର ପାଇ ସ୍ଥାନୀୟ ପୁଲିସ ଓ ଅଗ୍ନିଶମ ବାହିନୀର ଯବାନମାନେ ଘଟଣାସ୍ଥଳରେ ପହଁଞ୍ଚି ଚାଳକଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ।



ଫାଇନାନ୍ସ କର୍ମଚାରୀଙ୍କୁ ଆକ୍ରମଣ କରି ଲୁଟ୍ ଘଟଣାର ପର୍ଦ୍ଦାଫାସ୍

# ୩ଟି ଖଣ୍ଡା ସହ ୨ଲକ୍ଷ ୪୭ହଜାର ଟଙ୍କା ଜବତ; ୨ ଗିରଫ

ବାଣପୁର, ୨୯ ।୨(ସମିସ)



ବାଲୁଗାଁ ବାଣପୁର ଅଞ୍ଚଳରେ ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇଉଠିଛନ୍ତି। ଗତ ୨୧ ତାରିଖରେ ଶାଳିଆ ଡ୍ୟାମ ନିକଟରେ ରାତିରେ ଲୁଟେରା ଗ୍ୟାଙ୍ଗ ଫାଇନାନ୍ସ କର୍ମଚାରୀଙ୍କୁ ଆକ୍ରମଣ କରି ୭ ଲକ୍ଷ ୫୨ ହଜାର ୨୫୦ ଟଙ୍କା ଲୁଟି ନେଇ ଥିବା ଘଟଣାର ପର୍ଦ୍ଦାଫାସ କରିଛି ବାଣପୁର ପୁଲିସ। ଏନେଇ ବାଣପୁର ଥାନା ପରିସରରେ ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆଡିସନାଲ ଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁ ଖୁଲାସା କରିଛନ୍ତି। ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଲୁଟେରାଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ୨ ଲକ୍ଷ ୪୭ ହଜାର ୫୦୦ ଟଙ୍କା ଉଦ୍ଧାର କରିବାରେ ବାଣପୁର ପୁଲିସକୁ ସଫଳତା ମିଳିଥିବା ବେଳେ ଲୁଟେରାଙ୍କ ଠାରୁ ୩ ଟି ଖଣ୍ଡା ଓ ୨ ଟି ମୋବାଇଲ ମଧ୍ୟ ଜବତ କରିଛି ପୁଲିସ। ଦୁଇ ଲୁଟେରାଙ୍କ ମଧ୍ୟରୁ ଜଣେ ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ଥାନା ଅନ୍ତର୍ଗତ କୁମାରପାରୀ ଗ୍ରାମର ସାନ୍ତନୁ ତାରେଣୀ ଓରଫ ଚନ୍ଦନ (୨୩) ହୋଇଥିବା ବେଳେ ଅନ୍ୟ ଜଣେ ବାଣପୁର ଥାନା ଅନ୍ତର୍ଗତ ଶାଳିଆ ଡ୍ୟାମ୍ ପଣସଡିହ ଗ୍ରାମର ନିରଞ୍ଜନ ଶବର (୩୦)। ସୂଚନା ଥାଉକି, ଅନ୍ନପୂର୍ଣ୍ଣା ଫାଇନାନ୍ସ କମ୍ପାନୀରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀଙ୍କ ସମେତ ୫ ଜଣ କର୍ମଚାରୀ ବିଭିନ୍ନ ଗ୍ରାମରୁ ଗ୍ରୁପ ଲୋନ ଟଙ୍କା ଆଦାୟ କରି ରାତିରେ ସମସ୍ତେ ଏକାଠି ନିଜର ବାଇକ୍ ଓ ସ୍କୁଟି ଯୋଗ ଫେରୁଥିଲେ। ପ୍ରାୟ ରାତି ୯ ଘଟିକା ସମୟରେ ବାଣପୁର ଥାନା ଅନ୍ତର୍ଗତ ଶାଳିଆ ଡ୍ୟାମ ନିକଟରେ ହଠାତ ୧୦ ରୁ ୧୨ ଜଣ ଦୁର୍ବୃତ୍ତ ମୁହଁରେ କଳାକନା ଘୋଡାଇ ରାସ୍ତାରେ ଡାଳ ପକାଇ କର୍ମଚାରୀଙ୍କୁ ଅଟକାଇ ଥିଲେ। ୩ଜଣ କର୍ମଚାରୀଙ୍କୁ ଦୁର୍ବୃତ୍ତମାନେ ଧରି ଆକ୍ରମଣ କରି ସେମାନଙ୍କ ନିକଟରୁ ଆଦାୟ କରି ଆଣି ବ୍ୟାଗରେ ରଖି ଥିବା ସମୁଦାୟ ୭ ଲକ୍ଷ ୫୨ ହଜାର ୨୫୦ ଟଙ୍କା ଓ କାଗଜ ପତ୍ର ଛଡାଇ ନେଇ ଗଞ୍ଜାମ ଜିଲ୍ଲା ଅଭିମୁଖେ ଫେରାର ହୋଇ ଯାଇଥିଲେ। ଏନେଇ ଫାଇନାନ୍ସ କମ୍ପାନୀର ମହିଳା କର୍ମଚାରୀ ଦୀପାଞ୍ଜଳି ଛାଟୋଇ ବାଣପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ।ପୁଲିସ ଅଭିଯୋଗ ପାଇ ବାଣପୁର ଥାନା କେସ୍ ନଂ ୯୫ ।୨୪ ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଖୋର୍ଦ୍ଧା ଏସପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶକ୍ରମେ ବାଣପୁର ଥାନା ଅଧିକାରୀ ରମେଶ କୁମାର ଦେବତାଙ୍କ ନେତୃତ୍ୱରେ ବିଭିନ୍ନ ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ କରିଥିବା ବେଳେ ବର୍ତ୍ତମାନ ଦୁଇ ଅଭିଯୁକ୍ତ ଚନ୍ଦନ ଓ ନିରଞ୍ଜନଙ୍କୁ ଗିରଫ କରିଛି ବାଣପୁର ପୁଲିସ। ଦୁଇ ଅଭିଯୁକ୍ତଙ୍କୁ ଧରି ପୁଲିସ ପଚାରା ଉଚୁରା କରିବାରେ ସେମାନେ ଉକ୍ତ ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ସହ ସମୁଦାୟ ୮ଜଣ ସମ୍ପୃକ୍ତ ଥିବା ମାନି ନେଇ ଥିଲେ। ତେବେ ଗିରଫ ଦୁଇ ଅଭିଯୁକ୍ତଙ୍କ ଠାରୁ ୨ ଲକ୍ଷ ୪୭ ହଜାର ୫୦୦ ଟଙ୍କା ଉଦ୍ଧାର କରିବା ସହ ୩ଟି ଖଣ୍ଡା ଓ ଦୁଇଟି ମୋବାଇଲ ମଧ୍ୟ ଜବତ କରିଥିବା ନେଇ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆଡିସନାଲ ଏସ୍‌ପି ସୂଚନା ଦେଇଛନ୍ତି। ଅନ୍ୟ ଅଭିଯୁକ୍ତ ମାନେ ଫେରାର ଥିବା ବେଳେ ଯଥାଶୀଘ୍ର ଧରା ପଡ଼ିବେ ବୋଲି ବାଲୁଗାଁ ଏସ୍‌ଡ଼ିପିଓ ଶୁଭ୍ରାଂଶୁ ଶେଖର ମିଶ୍ର କହିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୨.୪୫ ● ପାଉଣ୍ଡ ୧୦୫.୮୯
- ୟୁରୋ ୯୦.୦୧ ● ୟେନ୍ ୦.୫୫

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୭,୫୯୦ (ନୂଆଦିଲ୍ଲୀ)
- ରୁପା : ୭୩,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୨,୫୦୦.୦୦
- ନିଫ୍ଟି ୨୧,୯୮୨.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



# ରକେଟ୍ ବେଗରେ ଦୌଡୁଛି ଅର୍ଥନୀତି

ନୂଆଦିଲ୍ଲୀ,୨୯।୨(ଏଜେନ୍ସି)

ଦୌଡୁଛି ଭାରତୀୟ ଅର୍ଥନୀତି। ଚଳିତ ଆର୍ଥିକବର୍ଷର ଅକ୍ଟୋବର-ଡିସେମ୍ବର ତୃତୀୟ ତ୍ରୈମାସିକରେ ଦେଶର ଅର୍ଥନୀତି ଆଶାଠାରୁ ଅଧିକ ଭଲ ପ୍ରଦର୍ଶନ କରିଛି। ଏହି ସମୟରେ ଭାରତର ଜିଡିପି ଅଭିବୃଦ୍ଧି ହାର ୮.୪ ପ୍ରତିଶତ ରହିଥିବା ଗୁରୁବାର କେନ୍ଦ୍ର ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନାରୁ ଏହା ଜଣାପଡିଛି। ତେବେ ଗତ ଆର୍ଥିକ ବର୍ଷର ୨୦୨୨-୨୩ର ତୃତୀୟ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ୪.୪ ପ୍ରତିଶତ ରହିଥିଲା। ବିନିର୍ମାଣ ଏବଂ ଖଣିଜ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ଅଭିବୃଦ୍ଧିକୁ ବଳ ଦେଇଛି।

ପ୍ରକାଶିତ ତଥ୍ୟ ଅନୁଯାୟୀ, ଅକ୍ଟୋବର-ଡିସେମ୍ବର ତ୍ରୈମାସିକର ଏହି ଜିଡିପି ଅଭିବୃଦ୍ଧି ହାର ଏହା ପ୍ରମାଣିତ କରୁଛି ଯେ ଭାରତୀୟ ଅର୍ଥ ବ୍ୟବସ୍ଥା ରକେଟ୍ ବେଗରେ ଆଗକୁ ବଢୁଛି। ଉଲ୍ଲେଖଯୋଗ୍ୟ ଯେ ଚଳିତ ଆର୍ଥିକବର୍ଷର ସେପ୍ଟେମ୍ବର ତ୍ରୈମାସିକରେ ଭାରତ ୭.୬ ପ୍ରତିଶତ ହାରରେ ଅଭିବୃଦ୍ଧି ରେକର୍ଡ କରିଥିଲା। ଏହାଛଡା ମନ୍ତ୍ରଣାଳୟ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଜିଡିପିର ଦ୍ୱିତୀୟ ଆଗୁଆ ଆକଳନ ମଧ୍ୟ ପ୍ରକାଶ କରିଛି। ଏହି ଅନୁଯାୟୀ, ୨୦୨୩-୨୪ ସମୟରେ ଦେଶର ଜିଡିପି ଅଭିବୃଦ୍ଧି ହାର ୭.୬ ପ୍ରତିଶତ ରହିବା ନେଇ ଅନୁମାନ କରାଯାଉଛି। ୨୦୨୨-୨୩ରେ ଦେଶର ଜିଡିପି ଅଭିବୃଦ୍ଧି ୭ ପ୍ରତିଶତ ରହିଥିଲା। ତୃତୀୟ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ୭ ପ୍ରତିଶତରୁ କମ୍ ରହିବ ବୋଲି ବିଶ୍ଳେଷକମାନେ ଆକଳନ କରିଥିବାବେଳେ ସରକାରଙ୍କ ଦ୍ୱାରା ପ୍ରକାଶିତ ତଥ୍ୟରୁ ଜଣାପଡିଛି ଯେ ଭାରତୀୟ ଅର୍ଥନୀତି ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ତୃତୀୟ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ଦ୍ୱିତୀୟ ତ୍ରୈମାସିକର ୭.୬ ପ୍ରତିଶତ ଅପେକ୍ଷା ଭଲ ସ୍ଥିତିରେ ଅଛି। ନିର୍ମାଣ କ୍ଷେତ୍ରର ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାର (୧୦.୭ ପ୍ରତିଶତ), ପରେ ଉତ୍ପାଦନ କ୍ଷେତ୍ରର ଭଲ ଅଭିବୃଦ୍ଧି ହାର (୮.୫ ପ୍ରତିଶତ) ଫଳରେ ଚଳିତ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ ଜିଡିପି ୮.୪ ପ୍ରତିଶତ ଅଭିବୃଦ୍ଧି ପଛରେ ଏହି କ୍ଷେତ୍ରଗୁଡିକର ଅଭିବୃଦ୍ଧିକୁ ମଧ୍ୟ ମୁଖ୍ୟ କାରଣ ଭାବରେ ଦର୍ଶାଯାଇଛି।

୨୦୨୩-୨୪ରେ ବାସ୍ତବ ଜିଡିପି ୧୭୨.୯୦ ଲକ୍ଷ କୋଟି ଟଙ୍କା ସ୍ତର ପାର କରିବା ନେଇ ଅନୁମାନ କରାଯାଉଛି। ଅନ୍ୟପକ୍ଷେ ୨୦୨୨-୨୩ ପାଇଁ ଜିଡିପିର ପ୍ରଥମ ସଂଶୋଧନ ଅନୁମାନ ୧୬୦.୭୧ ଲକ୍ଷ କୋଟି ଟଙ୍କା ଥିଲା।



**ତୃତୀୟ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ୮.୪%**

**ବିନିର୍ମାଣ, ଖଣିଜ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ**

**୭ ତ୍ରୈମାସିକରେ ଜିଡିପିର ସ୍ଥିତି**

| | |
|---|---|
| ଏପ୍ରିଲ-ଜୁନ୍(୨୩-୨୪) | ୧୩.୧% |
| ଜୁଲାଇ-ସେପ୍ଟେମ୍ବର | ୬.୩% |
| ଅକ୍ଟୋବର-ଡିସେମ୍ବର | ୪.୪% |
| ଜାନୁଆରୀ-ମାର୍ଚ୍ଚ | ୬.୧% |
| ଏପ୍ରିଲ-ଜୁନ୍(୨୪-୨୫) | ୭.୮% |
| ଜୁଲାଇ-ସେପ୍ଟେମ୍ବର | ୭.୬% |
| ଅକ୍ଟୋବର-ଡିସେମ୍ବର | ୮.୪% |

**ପେଟିଏମ୍‌କୁ ବଡ଼ ଝଟକା !**

# କମ୍ପାନୀରୁ ୨ ପ୍ରତିଶତ ଅଂଶଧନ ପ୍ରତ୍ୟାହାର କଲା ସଫ୍ଟବ୍ୟାଙ୍କ

**ନୂଆଦିଲ୍ଲୀ,୨୯।୨(ଏଜେନ୍ସି):** ପେଟିଏମ ପେମେଣ୍ଟସ ବ୍ୟାଙ୍କ ଉପରେ ଆରବିଆଇର କାର୍ଯ୍ୟାନୁଷ୍ଠାନ ପରଠାରୁ ଘୋର ସଙ୍କଟ ସ୍ଥିତି ଗତି କରୁଛି ପେଟିଏମ୍। ଏହା ମଧ୍ୟରେ ଏବେ କମ୍ପାନୀକୁ ଲାଗିଛି ଆଉ ଏକ ବଡ଼ ଝଟକା। ରିପୋର୍ଟ ଅନୁଯାୟୀ, ଜାପାନର ନାମୀ ନିବେଶକାରୀ କମ୍ପାନୀ ସଫ୍ଟବ୍ୟାଙ୍କ୍ ଗ୍ରୁପ୍ କର୍ପୋରେସନ ପେଟିଏମ୍‌ରୁ ଏହାର ଅଂଶଧନ ପ୍ରତ୍ୟାହାର କରିନେଇଛି।

ସଫ୍ଟବ୍ୟାଙ୍କ୍ ପେଟିଏମରୁ ଏହାର ୨.୧୭ ପ୍ରତିଶତ ଅଂଶଧନ ପ୍ରତ୍ୟାହାର କରିନେବା ପରେ ଷ୍ଟକ୍ ବଜାରରେ କମ୍ପାନୀର ଶେୟାର ମୂଲ୍ୟ ୪ ପ୍ରତିଶତରୁ ଅଧିକ ହ୍ରାସ ହୋଇଛି। ବର୍ତ୍ତମାନ ପେଟିଏମ୍‌ର ମୂଳ କମ୍ପାନୀ ଓ୍ୱାନ ୯୭ କମ୍ୟୁନିକେଶନର ଶେୟାର ମୂଲ୍ୟରେ ୪.୩୮ ପ୍ରତିଶତର ହ୍ରାସ ସହ ୩୮୮.୪୦ ଟଙ୍କାରେ କାରବାର କରୁଛି। ସୂଚନାଥାଉକି, ସେପ୍ଟେମ୍ବର ୨୦୨୨ ସୁଦ୍ଧା ପେଟିଏମ୍‌ରେ ସଫ୍ଟବ୍ୟାଙ୍କର ୧୭.୫ ପ୍ରତିଶତ ଅଂଶଧନ ରହିଥିଲା। ହେଲେ ବର୍ତ୍ତମାନ କମ୍ପାନୀର ମାତ୍ର ୨.୮୩ ପ୍ରତିଶତ ରହିଛି। ଏଥିରେ ବଡ଼ କଥା ହେଉଛି ମାତ୍ର ଏକ ବର୍ଷ ମଧ୍ୟରେ ହିଁ କମ୍ପାନୀ ପେଟିଏମରୁ ଶେୟାର କାଢ଼ିନେଇଛି। ସେହିଭଳି ହାଥାଓ୍ୱେ ଏବଂ ଚୀନର ଆଲିବାବା ଗ୍ରୁପ୍ ଭଳି ବୈଶ୍ୱିକ ନିବେଶକ ୨୦୨୩ରେ ସେମାନଙ୍କର କିଛି ଶେୟାର ପ୍ରତ୍ୟାହାର କରିନେଇଛନ୍ତି। ଏହାସହ ଅନ୍ୟ କିଛି ଚୀନ କମ୍ପାନୀ ଏବଂ ନେଦରଲାଣ୍ଡ୍ସର କିଛି କମ୍ପାନୀ ମଧ୍ୟ ପେଟିଏମ୍‌ରୁ ଏହାର ଅଂଶଧନ କାଢ଼ିନେଇଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତୀୟ ରିଜର୍ଭ ବ୍ୟାଙ୍କ ଜାନୁଆରୀ ୩୧ରେ ଜାରି କରିଥିବା ଆଦେଶ ପରେ ପେଟିଏମ୍ ଶେୟାରକୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ସେବେଠାରୁ କମ୍ପାନୀର ଶେୟାର ମୂଲ୍ୟାରେ ୪୮.୫ ପ୍ରତିଶତ ଏବଂ ମୂଲ୍ୟରେ ପ୍ରାୟ ୨.୮ ବିଲିୟନ ଡଲାରର ହ୍ରାସ ଦେଖିବାକୁ ମିଳିଛି। ପେଟିଏମ୍ ଉପରେ ଆରବିଆଇ କ୍ରମାଗତ ଭାବେ ନିୟମର ଉଲ୍ଲଙ୍ଘନ କାରଣରୁ କାର୍ଯ୍ୟାନୁଷ୍ଠାନ ନେଇଥିଲା।

# ଆଜି 'ଅରୁନ୍ଧତୀ ବାନ୍ଧକଳା' ପ୍ରକଳ୍ପର ଶିଳାନ୍ୟାସ

**ଭୁବନେଶ୍ୱର,୨୯।୨(ସମିସ):** ଅରୁନ୍ଧତୀ ଗ୍ରୁପର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଇଣ୍ଟିଗ୍ରେଟେଡ ହ୍ୟାଣ୍ଡଲୁମ ୟୁନିଟ୍ (ଅରୁନ୍ଧତୀ ବାନ୍ଧକଳା ପ୍ରକଳ୍ପ)କୁ ମାର୍ଚ୍ଚ ପହିଲାରେ ମୁଖ୍ୟମନ୍ତ୍ରୀ, ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ପ୍ରକଳ୍ପର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ହସ୍ତତନ୍ତ ଓ ବୟନ ମନ୍ତ୍ରୀ ରିତା ସାହୁ, ଜିଲ୍ଲାପାଳ ଅନ୍ୟା ଦାସ ଏବଂ ପୁଲିସ ଏସ୍‌ପି ଯଶପ୍ରତାପ ଶ୍ରୀମଲ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ସୋନପୁରରେ ୧୦ ଏକର ପରିମିତ ଜମିରେ ଅତ୍ୟାଧୁନିକ ରିସର୍ଚ୍ଚ ଏଣ୍ଡ ଡେଭେଲପମେଣ୍ଟ ସେଣ୍ଟର ସହ ୩୦୦୦ ହ୍ୟାଣ୍ଡଲୁମ୍ ସହ ଉକ୍ତ ପ୍ରକଳ୍ପ ନିର୍ମାଣ ହେବାକୁ ଯାଉଛି। ଏହି ଅବସରରେ ଅରୁନ୍ଧତୀ ଗ୍ରୁପର ଏମ୍‌ଡି ବ୍ରହ୍ମାନନ୍ଦ ମେହେର କହିଛନ୍ତି ଯେ ସୋନପୁର ଏକ ସର୍ବପୁରାତନ ପ୍ରାଚୀନ ସଂସ୍କୃତି ଓ ଐତିହ୍ୟର କେନ୍ଦ୍ରସ୍ଥଳୀ। ଏହା ପାରମ୍ପରିକ ବୟନ ହସ୍ତଶିଳ୍ପ ଓ ବାନ୍ଧକଳା ନିମନ୍ତେ ପୃଥିବୀ ପ୍ରସିଦ୍ଧ। ପୁରାତନ ଯୁଗରୁ ପ୍ରଚଳିତ ହୋଇ ଆସୁଥିବା ଏହି ନିଖୁଣ କାରିଗରି କୌଶଳକୁ ଅତ୍ୟାଧୁନିକ ଯୁଗରେ ଆଉ ଗୋଟେ ପାଦ ଆଗେଇ ନେବା ସହ ପୁରାତନ ପାରମ୍ପାରିକ ହସ୍ତଶିଳ୍ପ ପକ୍ରିୟାରେ ସ୍ଥିରତା, ନବସୃଜନତା ଓ ସଶକ୍ତିକରଣ ଆଣିବା ହେଉଛି ଆମର ମୁଖ୍ୟ ଲକ୍ଷ୍ୟ। ଏହି ଉଦ୍ୟମ ଅତ୍ୟାଧୁନିକ ଯୁଗରେ ଯୁବପିଢିମାନଙ୍କୁ ପାରମ୍ପରିକ ବାନ୍ଧକଳା ପ୍ରତି ଆକୃଷ୍ଟ କରିବା ସହ ଆମ ନିଜ ବୁଣାକାର ସମ୍ପ୍ରଦାୟର ଜୀବନ ଜୀବିକାକୁ ବୃଦ୍ଧି କରିବାରେ ସହାୟକ ହେବ, ଏକ ବିକଶିତ ଗବେଷଣା ଗାରରେ ବିଭିନ୍ନ ଗବେଷଣା ଓ ପ୍ରସ୍ତୁତି ମାଧ୍ୟମରେ ଆମ ବୁଣାକାର ସମ୍ପ୍ରଦାୟର ଅର୍ନ୍ତନିହିତ ଦକ୍ଷତାର ଏବଂ କଳାକୁ ଉଚ୍ଚତମ ଶିଖର କୁ ନେଇଯିବା ସହ ଜାତୀୟ ତଥା ଆର୍ନ୍ତଜାତୀୟ ସ୍ତରରେ ଶ୍ରେଷ୍ଠ କାରିଗର ଓ ସେମାନଙ୍କ କଳାକୁ ଉଚ୍ଚ ସ୍ୱୀକୃତି ମିଳିବା ସହ ଆମ ସମ୍ପ୍ରଦାୟର ବୁଣାକାରମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ଆଣିବା ଆମର ପ୍ରାଥମିକତା ରହିବ।



**ସୋନପୁରରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ଇଣ୍ଟିଗ୍ରେଟେଡ ହ୍ୟାଣ୍ଡଲୁମ୍ ୟୁନିଟ୍**

# ଆଜିଓ 'ଅଲ ଷ୍ଟାରସ ସେଲ୍' ଆଜିଠାରୁ

**ଭୁବନେଶ୍ୱର,୨୯।୨(ସମିସ):** ଭାରତର ପ୍ରମୁଖ ଫ୍ୟାସନ୍ ଇ-ଟେଲର୍ ଆଜିଓ ଗୁରୁବାର ଏହାର ଫ୍ଲାଗସିପ୍ ଇଭେଣ୍ଟ 'ଅଲ ଷ୍ଟାରସ ସେଲ୍' ଘୋଷଣା କରିଛି, ଯେଉଁଥିରେ ଆଡିଡାସ୍ ଏବଂ ସୁପରଡ୍ରାଇ ଦ୍ୱାରା ପରିଚାଳିତ ହେଉଛି। ଏହି ସେଲ୍ ମାର୍ଚ୍ଚ ପହିଲାଠାରୁ ଆରମ୍ଭ ହେଉଛି। ଗ୍ରାହକମାନେ ୨୬ ଫେବୃଆରୀ ୨୦୨୪ ରୁ ସୀମିତ ୬ ଘଣ୍ଟା ପାଇଁ ଆଗୁଆ ଆକସେସ୍ ପାଇଥିଲେ। ଆଜିଓ ଅଲ୍ ଷ୍ଟାର୍ସ ସେଲ୍ (ଏଏଏସ୍‌ଏସ୍) ସମୟରେ ଗ୍ରାହକମାନେ ୬୦୦୦ ରୁ ଅଧିକ ବ୍ରାଣ୍ଡ ରେ ୧.୭ ନିୟୁତରୁ ଅଧିକ କ୍ୟୁରେଟେଡ୍ ଫ୍ୟାସନ୍ ଷ୍ଟାଇଲ୍ ପ୍ରଦାନ କରି ପାରିବେ, ଯାହା ଏକ ଅତୁଳନୀୟ ସପିଂ ଅନୁଭୂତି ପ୍ରଦାନ କରିବ। ଏ ସମ୍ପର୍କରେ ଆଜିଓର ସିଇଓ ବିନୀତ ନାୟାର କହିଛନ୍ତି, ବର୍ଷର ପ୍ରଥମ ବଡ଼ ବିକ୍ରି ପାଇଁ ଆମେ ପ୍ରସ୍ତୁତ ଥିବାରୁ ଏହାକୁ ନେଇ ଉତ୍ସାହ ଦେଖିବାକୁ ମିଳିଛି। ଗତ କିଛି ମାସ ମଧ୍ୟରେ, ଆମେ ୫୦୦ ନୂତନ ବ୍ରାଣ୍ଡ ଯୋଡ଼ିଛୁ ଏବଂ ଆମର ମୋଟ କ୍ୟାଟାଲଗ୍ ଆକାରକୁ ବଢ଼ାଇଛୁ। ବଢୁଥିବା ହାରାହାରି ବାସ୍କେଟ ମୂଲ୍ୟ (ଏବିଭି) ଏବଂ ପ୍ରିମିୟମ ବ୍ରାଣ୍ଡ ଗୁଡିକର ଅଧିକ ଚାହିଦା ସହିତ, ଆମେ ଆଶା କରୁଛୁ ଯେ ଆଜିଓ ଅଲ୍ ଷ୍ଟାର୍ସ ସେଲ୍ ଅଣ-ମେଟ୍ରୋ ଗୁଡ଼ିକରେ ଏକ ଦୃଢ଼ ପ୍ରିମିୟମକରଣ ଧାରା ଦେଖିବ ଯାହା ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ। ଭାରତ ଚଳିତ ଋତୁରେ ଫ୍ୟାଶନର ସବୁଠାରୁ ବଡ଼ ବ୍ରାଣ୍ଡକୁ କିଣିବାକୁ ଚାହୁଁଥିବାରୁ ସାମଗ୍ରିକ ସପିଂ ଉଦ୍ଦେଶ୍ୟ କ୍ରମାଗତ ଗତିକୁ ବଢ଼ାଇବ। ଆଇସିଆଇସିଆଇ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ ବ୍ୟବହାର ଉପରେ ୧୦% ପର୍ଯ୍ୟନ୍ତ ଅତିରିକ୍ତ ଇନଷ୍ଟାଣ୍ଟ ରିହାତି ସହିତ ଗ୍ରାହକମାନେ ବଡ଼ ସଞ୍ଚୟ କରିପାରିବେ ଏବଂ ଶୀର୍ଷ ବ୍ରାଣ୍ଡ ଏବଂ ବର୍ଗରେ ୫୦-୯୦% ପର୍ଯ୍ୟନ୍ତ ରିଆତି ପାଇପାରିବେ।

# ଦେଶରେ ପ୍ରତିଷ୍ଠା ହେବ ତିନି ସେମିକଣ୍ଡକ୍ଟର ପ୍ଲାଣ୍ଟ

**ନୂଆଦିଲ୍ଲୀ,୨୯।୨(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ 'ଭାରତରେ ସେମିକଣ୍ଡକ୍ଟର ଏବଂ ଡିସପ୍ଲେ ମ୍ୟାନୁଫାକ୍ଚରିଂ ଇକୋସିଷ୍ଟମ୍ ର ବିକାଶ' ଅଧୀନରେ ତିନୋଟି ସେମିକଣ୍ଡକ୍ଟର ୟୁନିଟ୍ ପ୍ରତିଷ୍ଠାକୁ ଅନୁମୋଦନ ମିଳିଛି। ଆସନ୍ତା ୧୦୦ ଦିନ ମଧ୍ୟରେ ଏହି ତିନୋଟି ୟୁନିଟ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏହି ୩ ପ୍ଲାଣ୍ଟ ମଧ୍ୟରୁ ଦୁଇଟି ଗୁଜରାଟର ଖୋଲାଯିବାକୁ ଥିବା ବେଳେ ଗୋଟିଏ ଆସାମରେ ଖୋଲାଯିବ। ଏଥିରେ ମୋଟ ୧.୨୬ ଲକ୍ଷ କୋଟିର ନିବେଶ ହେବ ବୋଲି କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ଭାରତରେ ସେମିକଣ୍ଡକ୍ଟର ଏବଂ ଡିସପ୍ଲେ ମ୍ୟାନୁଫାକ୍ଚରିଂ ଇକୋସିଷ୍ଟମର ବିକାଶ ପାଇଁ କାର୍ଯ୍ୟକ୍ରମ ୨୦୨୧ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେଥିରେ ମୋଟ ୭୬,୦୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ଜୁନ୍ ୨୦୨୩ରେ ଗୁଜରାଟର ସାନନ୍ଦରେ ସେମିକଣ୍ଡକ୍ଟର ୟୁନିଟ୍ ସ୍ଥାପନ ପାଇଁ ମାଇକ୍ରୋନ୍ର ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଥିଲା। ଏହି ୟୁନିଟ୍ ର ନିର୍ମାଣ ଦ୍ରୁତ ଗତିରେ ଚାଲିଛି ଏବଂ ୟୁନିଟ୍ ନିକଟରେ ଏକ ଦୃଢ଼ ସେମିକଣ୍ଡକ୍ଟର ଇକୋସିଷ୍ଟମ ଉଭା ହେଉଛି।

ଡେଭଲପ୍‌ମେଣ୍ଟ ଆଣ୍ଡ ଡିସ୍‌ପ୍ଲେ ଇକୋସିଷ୍ଟମ ଇନ୍ ଇଣ୍ଡିଆ ଅଧିନରେ ଏହି ପ୍ଲାଣ୍ଟଗୁଡ଼ିକର ନିର୍ମାଣ କାର୍ଯ୍ୟ ଆସନ୍ତା ୧୦୦ ଦିନ ଭିତରେ ଆରମ୍ଭ ହେବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି। ସେ କହିଛନ୍ତି ଯେ ଦେଶରେ ସେମିକଣ୍ଡକ୍ଟର ଫାବ୍ ପ୍ରତିଷ୍ଠା ପାଇଁ ଆଜି ପ୍ରଧାନମନ୍ତ୍ରୀ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ବାଣିଜ୍ୟିକ ସେମିକଣ୍ଡକ୍ଟର ଫାବ୍ ଟାଟା ଓ ପାୱାରଚିପ୍ ତାଇୱାନ୍ ଦୁହେଁ ମିଶି ଗୁଜରାଟର ଧୋଲେରାରେ ପ୍ରତିଷ୍ଠା କରିବେ। ଟାଟା ଇଲେକ୍ଟ୍ରୋନିକ୍ସ ପ୍ରାଇଭେଟ୍ ଧୋଲେରାରେ ତାଇୱାନର ପାୱାରଚିପ ସେମିକଣ୍ଡକ୍ଟର ମାନୁଫାକ୍ଚରିଂ କ୍ରପ୍ ସହ ମିଶି ଭାବ୍ ପ୍ରତିଷ୍ଠା କରିବ। ଟାଟା ଗ୍ରୁପ୍ର କମ୍ପାନୀ ଟାଟା ଇଲେକ୍ଟ୍ରୋନିକ୍ସ ପ୍ରାଇଭେଟ ଲିମିଟେଡ୍ (ଟିଇପିଏଲ୍) ଗୁଜୁରାଟରେ ଏହାର ସେମିକଣ୍ଡକ୍ଟର ଫେବ୍ରିକେସନ ପ୍ଲାଣ୍ଟ (ସେମିକଣ୍ଡକ୍ଟର ଫ୍ୟାବ୍) ନିର୍ମାଣ କରିବ। ତାଇୱାନ କମ୍ପାନୀ ପାୱାରଚିପ୍ ସେମିକଣ୍ଡକ୍ଟର ମାନୁଫେକ୍ଚରିଂ କର୍ପ (ପିଏସ୍‌ଏମ୍‌ସି) ର ସହଯୋଗରେ ଏହି କାରଖାନା ଖୋଲିବ ବୋଲି କମ୍ପାନୀ କହିଛି। ଟାଟା ଗ୍ରୁପ୍ର ଏହି କମ୍ପାନୀ ଫ୍ୟାବ ଗୁଜୁରାଟର ଧୋଲେରାରେ ଖୋଲିଯିବାକୁ ଥିବାବେଳେ ଏଥିରେ ୯୧ ହଜାର କୋଟି ଟଙ୍କା ନିବେଶ କରାଯିବ। ତାଇୱାନରେ ପିଏସ୍‌ଏମ୍‌ସିର ୬ ଟି ସେମିକଣ୍ଡକ୍ଟର ଫ୍ୟାକ୍ଟ୍ରି ରହିଛି। ଏହା ଲଜିକ ଏବଂ ମେମୋରୀ ଫାଉଣ୍ଡ୍ରି ସେଗମେଣ୍ଟରେ କାର୍ଯ୍ୟ କରୁଛି। ଅପରପକ୍ଷେ ଟାଟା ସନ୍ସର କମ୍ପାନୀ ଟାଟା ସେମିକଣ୍ଡକ୍ଟର ଅସେମ୍ବଲ ଆସାମର ମୋରିଗାଓଁରେ ପ୍ରତିଷ୍ଠା ହେବ। ଏଥିରେ ୨୭ ହଜାର କୋଟି ଟଙ୍କା ନିବେଶ କରାଯିବ। କମ୍ପାନୀ ଏଥିପାଇଁ ଟେଷ୍ଟ ପ୍ରାଇଭେଟ୍ ଲିମିଟେଡ୍ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି। ସିଜି ପାୱାର ଗୁଜୁରାଟରେ ଏହାର ସେମିକଣ୍ଡକ୍ଟର ପ୍ଲାଣ୍ଟ ବସାଇବ। ଏଥିପାଇଁ କମ୍ପାନୀ ଜାପାନର ରେନେସା ଇଲେକ୍ଟ୍ରୋନିକ୍ସ କର୍ପ ଏବଂ ଥାଇଲ୍ୟାଣ୍ଡର ଷ୍ଟାର୍ସ ମାଇକ୍ରୋ ଇଲେକ୍ଟ୍ରୋନିକ୍ସ ସହିତ ଚୁକ୍ତି ସ୍ୱାକ୍ଷରିତ କରିଛି। ଗୁଜରାଟର ସାନନ୍ଦଠାରେ ଏହି ପ୍ଲାଣ୍ଟ ଖୋଲିବାକୁଥିବା ବେଳେ ଏଥିରେ ୭,୬୦୦ କୋଟି ଟଙ୍କା ନିବେଶ ହେବ। ଭାରତରେ ନିର୍ମାଣ ହେବାକୁ ଥିବା ୩ଟି ସେମିକଣ୍ଡକ୍ଟର ପ୍ଲାଣ୍ଟରେ ବହୁ ସଂଖ୍ୟକ ନିଯୁକ୍ତି ସୃଷ୍ଟି ହେବ। କେନ୍ଦ୍ର ସରକାର କହିଛନ୍ତି ଯେ ଏହି ତିନୋଟି ୟୁନିଟ୍ ମିଳିତ ଭାବରେ ଉନ୍ନତ ଜ୍ଞାନକକୌଶଳ ପାଇଁ ୨୦ ହଜାର ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ପ୍ରାୟ ୬୦ ହଜାର ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବେ। ଏହି ୟୁନିଟ୍ ଗୁଡିକ ଡାଉନ୍‌ଷ୍ଟ୍ରିମିଂ, ଅଟୋମୋଟିଭ୍, ଇଲେକ୍ଟ୍ରୋନିକ୍ସ ମାନୁଫାକ୍ଚରିଂ, ଟେଲିକମ୍ ମାନୁଫାକ୍ଚରିଂ, ଇଣ୍ଡଷ୍ଟ୍ରିଆଲ ମାନୁଫାକ୍ଚରିଂ ଓ ଅନ୍ୟ ସେମିକଣ୍ଡକ୍ଟର କଞ୍ଜ୍ୟୁମିଂ ଇଣ୍ଡଷ୍ଟ୍ରୀରେ ଶୀଘ୍ର ନିଯୁକ୍ତି ବଢ଼ିବ।



**କେନ୍ଦ୍ର କ୍ୟାବିନେଟ୍ ଦେଲା ମଞ୍ଜୁରୀ**

**ସୃଷ୍ଟି ହେବ ୮୦ ହଜାରରୁ ଅଧିକ ନିଯୁକ୍ତି**

# ବିନା କେୱାଇସି ଫାସ୍‌ଟ୍ୟାଗ୍ ଆଜିଠୁ ବନ୍ଦ

## ବ୍ୟାଙ୍କ କରିବେ ନିଷ୍କ୍ରିୟ ଆଉ କଳା ତାଲିକାଭୁକ୍ତ

ନୂଆଦିଲ୍ଲୀ,୨୯।୨(ଏଜେନ୍ସି)

ଯଦି ଆପଣ କାରର ଫାସ୍‌ଟ୍ୟାଗ୍‌ର କେୱାଇସିକୁ ବ୍ୟାଙ୍କରୁ ଅପଡେଟ୍ କରିନାହାଁନ୍ତି, ତେବେ ଏଥିପାଇଁ ଏବେ ସବୁ ବାଟ ବନ୍ଦ। ଫେବୃଆରୀ ୨୯ପରେ, ବ୍ୟାଙ୍କଗୁଡିକ ବିନା କେୱାଇସି ଥିବା ଫାସ୍‌ଟ୍ୟାଗ୍ ନିଷ୍କ୍ରିୟ କିମ୍ବା କଳା ତାଲିକାଭୁକ୍ତ କରିବେ। ଏହାପରେ, ଫାସ୍‌ଟ୍ୟାଗ୍‌ରେ ବାଲାନ୍ସ ଥାଇ ମଧ୍ୟ ଦେୟ ପ୍ରଦାନ କରିହେବନାହିଁ। ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ଫାସ୍‌ଟ୍ୟାଗ୍ ଗ୍ରାହକଙ୍କୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ନିୟମ ଅନୁଯାୟୀ ଫାସ୍‌ଟ୍ୟାଗ୍ ପାଇଁ କେୱାଇସି ପ୍ରକ୍ରିୟା ଶେଷ କରିବାକୁ କହିଛି, ଯାହାଫଳରେ ବିନା କୌଣସି ଅସୁବିଧାରେ ଫାସ୍‌ଟ୍ୟାଗ୍ ସୁବିଧା ଉପଲବ୍ଧ ରହିବ।

**ଗୋଟିଏ ଗାଡିରେ କେବଳ ଗୋଟିଏ ଫାଷ୍ଟାଗ୍ କାମ କରିବ**

ଗ୍ରାହକମାନେ ବର୍ତ୍ତମାନ ଗୋଟିଏ ଗାଡିରେ କେବଳ ଗୋଟିଏ ଫାସ୍‌ଟ୍ୟାଗ୍ ବ୍ୟବହାର କରିପାରିବେ। ଏନ୍‌ଏଚ୍‌ଏଆଇ ଏହାର ବିବୃତ୍ତିରେ କହିଛି ଯେ ଫାସ୍‌ଟ୍ୟାଗ୍ ବ୍ୟବହାରକାରୀଙ୍କୁ 'ଗୋଟିଏ ଗାଡି, ଗୋଟିଏ ଫାସ୍‌ଟ୍ୟାଗ୍' ନୀତି ଅନୁସରଣ କରିବାକୁ ପଡିବ। ପୂର୍ବରୁ ଦିଆଯାଇଥିବା ସମସ୍ତ ଫାସ୍‌ଟ୍ୟାଗ୍‌କୁ ନିଜ ନିଜ ବ୍ୟାଙ୍କକୁ ଫେରାଇବାକୁ ପଡିବ। ବର୍ତ୍ତମାନ କେବଳ ନୂତନ ଫାସ୍‌ଟ୍ୟାଗ୍ ଆକାଉଣ୍ଟ ସକ୍ରିୟ ରହିବ। ଏନ୍‌ଏଚ୍‌ଏଆଇ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ଏବଂ ଫାସ୍‌ଟ୍ୟାଗ୍ ମାଧ୍ୟମରେ ଟୋଲ ସଂଗ୍ରହ ପାଇଁ ଟୋଲ୍ ପ୍ଲାଜାର ଅପେକ୍ଷା ସମୟ ହ୍ରାସ କରିବା ପାଇଁ 'ଗୋଟିଏ ଯାନ, ଗୋଟିଏ ଫାସ୍‌ଟ୍ୟାଗ୍' ଅଭିଯାନ ଆରମ୍ଭ କରିଛି। ଗୋଟିଏ ଗାଡି ପାଇଁ ଏକାଧିକ ଫାସ୍‌ଟ୍ୟାଗ୍ ପ୍ରଦାନ ଏବଂ ଆରବିଆଇ ନିୟମ ଉଲ୍ଲଙ୍ଘନ କରି କେୱାଇସି ବିନା ଫାସ୍‌ଟ୍ୟାଗ୍ ଜାରି କରାଯାଇଥିବା ଅଭିଯୋଗର ଉତ୍ତରରେ ଏନ୍‌ଏଚ୍‌ଏଆଇ ଏହି କହିଛି।

**ଫାସ୍‌ଟ୍ୟାଗ୍ କ'ଣ**

ଫାସ୍‌ଟ୍ୟାଗ୍ ହେଉଛି ଏକ ପ୍ରକାର ଟ୍ୟାଗ୍ କିମ୍ବା ଷ୍ଟିକର। ଏହା ଯାନର ୱିଣ୍ଡସ୍କ୍ରିନ୍ ଉପରେ ସଂସ୍ଥାପିତ ହୋଇଥାଏ। ଫାସ୍‌ଟ୍ୟାଗ୍ ରେଡିଓ ଫ୍ରିକ୍ୱେନ୍ସି ଆଇଡେଣ୍ଟିଫିକେସନ୍ କିମ୍ବା ଆର୍‌ଏଫ୍‌ଆଇଡି ଟେକ୍ନୋଲୋଜିରେ କାମ କରିଥାଏ। ଏହି ଟେକ୍ନୋଲୋଜି ମାଧ୍ୟମରେ ଟୋଲ୍ ପ୍ଲାଜାରେ ସଂସ୍ଥାପିତ କ୍ୟାମେରା ଷ୍ଟିକରର ବାର୍ କୋଡ୍ ସ୍କାନ୍ କରେ ଏବଂ ଟୋଲ୍ ଫି ସ୍ୱୟଂଚାଳିତ ଭାବରେ ଫାସ୍‌ଟ୍ୟାଗ୍‌ୱାଲେଟ୍‌ରୁ କାଟିନେଇଥାଏ। ଫାସ୍‌ଟ୍ୟାଗ୍ ବ୍ୟବହାର କରୁଥିବା ଡ୍ରାଇଭରଙ୍କୁ ଟୋଲ୍ ଟିକସ ଦେବାକୁ ରହିବାକୁ ପଡି ନ ଥାଏ। ଟୋଲ ପ୍ଲାଜାରେ ନିଆଯାଇଥିବା ସମୟକୁ କମାଇବା ଏବଂ ଯାତ୍ରାକୁ ସହଜ କରିବା ପାଇଁ ଏହା ବ୍ୟବହୃତ ହୁଏ।

**ବ୍ୟାଙ୍କ ଏବଂ ଅନଲାଇନ୍ ପ୍ଲାଟଫର୍ମରୁ ଫାସ୍‌ଟ୍ୟାଗ୍ କିଣାଯାଇପାରିବ**

ଦେଶର ଯେ କୌଣସି ଟୋଲ୍ ପ୍ଲାଜାରୁ ଫାସ୍‌ଟ୍ୟାଗ୍ କିଣିହେବ। ଏହାବ୍ୟତୀତ ଆପଣ ଏହାକୁ ଆକ୍ସିସ୍ ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଏଚ୍‌ଡିଏଫସି ବ୍ୟାଙ୍କ, ଏସବିଆଇ, କୋଟାକ୍ ବ୍ୟାଙ୍କ ଶାଖାରୁ ମଧ୍ୟ କିଣିପାରିବେ। ପେଟିଏମ୍, ଆମାଜନ, ଗୁଗୁଲ୍ ପେ' ପରି ଅନଲାଇନ୍ ପ୍ଲାଟଫର୍ମରୁ ଆପଣ ଏହାକୁ କିଣିପାରିବେ। ଆପଣ ଆପଣଙ୍କର ଫାସ୍‌ଟ୍ୟାଗ୍ ଆକାଉଣ୍ଟକୁ ଏହି ଆପ୍ ସହିତ ଲିଙ୍କ୍ କରି ପେମେଣ୍ଟ ମଧ୍ୟ କରିପାରିବେ। ଯଦି ଆପଣ ଚାହାଁନ୍ତି, ଆପଣ ଏହି ଆପ୍ ସହିତ ଆପଣଙ୍କର ବ୍ୟାଙ୍କ ଆକାଉଣ୍ଟକୁ ଲିଙ୍କ୍ କରିପାରିବେ। ଏହାସହିତ, ଯେତେବେଳେ ବି ଆପଣ କୌଣସି ଟୋଲ୍ ପ୍ଲାଜା ଦେଇ ଯାଆନ୍ତି, ଟୋଲ୍ ଟ୍ୟାକ୍ସ ଆପଣଙ୍କ ଆକାଉଣ୍ଟରୁ କଟାଯିବ। ଫାସ୍‌ଟ୍ୟାଗ୍ କିଣିବାବେଳେ ଆପଣଙ୍କର ଆଇଡି ପ୍ରମାଣ ଏବଂ ଯାନ ପଞ୍ଜିକରଣ କାଗଜପତ୍ର ଥିବା ଆବଶ୍ୟକ। ଫାସ୍‌ଟ୍ୟାଗ୍ ଷ୍ଟିକର୍ ୫ ବର୍ଷ ପାଇଁ ବୈଧ। ପରେ ଏହାର ବୈଧତା ବୃଦ୍ଧି କରିବାକୁ ପଡିବ। ଏହାର ଅର୍ଥ ୫ ବର୍ଷ ପରେ ଆପଣଙ୍କୁ ଷ୍ଟିକର୍ ବଦଳାଇବାକୁ କିମ୍ବା ଏହାର ବୈଧତା ବଢ଼ାଇବାକୁ ପଡିବ।





# ଆଇସିଏଆଇର ନୂତନ କର୍ମକର୍ତ୍ତା ନିର୍ବାଚିତ



**ଭୁବନେଶ୍ୱର,୨୯।୨(ସମିସ):** ଦି ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ(ଆଇସିଏଆଇ)ପକ୍ଷରୁ ୨୦୨୪-୨୫ ବର୍ଷ ପାଇଁ ଏହାର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ଅନୁଷ୍ଠାନର ଭୁବନେଶ୍ୱର ଶାଖାଠାରେ ଅନୁଷ୍ଠିତ ବୈଠକରେ ସିଏ ଜାହ୍ନବୀ ଦେଓ ଅଧ୍ୟକ୍ଷା, ସିଏ ମହେନ୍ଦ୍ର କୁମାର ସାହୁ ଉପାଧ୍ୟକ୍ଷ ତଥା ଛାତ୍ର ସଂଗଠନର ଅଧ୍ୟକ୍ଷ, ସଚିବ- ସିଏ ଗୌତମ ଲେଙ୍କା, ପୂର୍ବତନ ଅଧ୍ୟକ୍ଷ ତଥା କୋଷାଧ୍ୟକ୍ଷ ସିଏ ପ୍ରଦୀପ କୁମାର ସାହୁ, ଏମସି ସଦସ୍ୟ ଭାବେ ସିଏ ଗଗନ ବିହାରୀ ଦାସ , ଏମ୍‌ସି ସଦସ୍ୟ ଭାବେ ସିଏ - ଶାଶ୍ୱତ ତ୍ରିପାଠୀ ଏବଂ ପୂର୍ବତନ ଅଧ୍ୟକ୍ଷ ଏବଂ ଏମସି ସଦସ୍ୟ ସିଏ ରଞ୍ଜନ କୁମାର ପୃଷ୍ଟି ପ୍ରମୁଖ ନୂତନ କର୍ମକର୍ତ୍ତା ଭାବେ ନିର୍ବାଚିତ ହୋଇଛନ୍ତି। ନୂତନ ପରିଚାଳନା କମିଟି ସଦସ୍ୟମାନେ ଆଇସିଏଆଇର ସାମଗ୍ରିକ ଉନ୍ନତି ପାଇଁ ସେମାନଙ୍କର କର୍ତ୍ତବ୍ୟ ଏବଂ ଦାୟିତ୍ୱ ତୁଲାଇବା ତଥା ନେସନ ବିଲଡିଂ ଦିଗରେ ସହଯୋଗ କରିବାରେ ସେମାନଙ୍କର ସର୍ବୋତ୍ତମ ପ୍ରୟାସ ଜାରି ରଖିବେ ବୋଲି ସଂକଳ୍ପ ନେଇଛନ୍ତି ।

